Split by PDF Splitter



ମାନ୍ଦ୍ରାଜ ଦେଶର ଅବସ୍ଥା ଏରୂପ ଭୟଙ୍କର ହୋଇଅଛି ଯେ ଏତାଦୃଶ ବୃଷ୍ଟିରେ ସୁଧା ଯଥେଷ୍ଟ ରୂପ ଶାନ୍ତ ହେଉନାହିଁ ।

ବୋଧହୁଅଇ ଲୋକଙ୍କ ଦୁର୍ଦ୍ଦଶା ଅବଲୋକନରେ ବିଧାତାର ପ୍ରୀତିଜନ୍ମୁ ହେଉଅଛି କାରଣ ଲୋକମାନେ ଏକ ପ୍ରକାର ଦୁଃଖରୁ ମୁକ୍ତ ହୋଇବାର ଆଶା କରୁବାମାତ୍ରକେ ଅନ୍ୟ ପ୍ରକାର ଦୁଃଖ ଆସି ତାଙ୍କୁ ଜାରଣ କରୁଅଛି । ଗତ ବର୍ଷ ପ୍ରାୟ ସର୍ବତ୍ରରେ ଅନାବୃଷ୍ଟି ହେବାରୁ ସର୍ବନାଶ ହୋଇଥିଲା ଏଥର ଅଧିକ ଜଳ ବୃଷ୍ଟିରୁ ସେହିଫଳ ପ୍ରାପ୍ତ ଘଟୁ ଅଛି । ଗଞ୍ଜାମ ଓ ବୀରଭୂମ ପ୍ରଦେଶରେ ଭୟର ବର୍ଷା ଓ ନଦୀ ବୃଦ୍ଧି ହୋଇଥିଲା । ବୀରଭୂମରେ କେତେକ ମନୁଷ୍ୟ ମାରା ଯାଇଅଛନ୍ତି । ଓ ପ୍ରାୟ ଦଶ୦୦୦ ଘର ଭାସି ଯାଇଅଛି । ଗଞ୍ଜାମ ଦେଶ ମଧ୍ୟ ଜଳପ୍ଲାବିତ ଓ ପ୍ରତି ମୁହୂର୍ତ୍ତେ ବନ୍ଧମାନ ଭଗ୍ନ ହେବାର ଭୟ ଜାତ ହେଉଥିଲା ।

ମେଦିନୀପୁର ଜିଲ୍ଲା ଗଡ଼ବେଡ଼ା ମଉଯାରେ ଗତମାସ ତା୧୯ଶଖରେ ଗୋଟିଏ ବିଧବା ବିବାହ ହୋଇଅଛି । ବରର ନାମ ବାବୁ ସ୍ୱରୂପ ଚନ୍ଦ୍ର ବର ଜାତିରେ କାୟସ୍ଥ ବୟସ ପ୍ରାୟ ୩୦ ବର୍ଷ ଓ ରସୁଲପୁରର ନିବାସୀ ଅଟନ୍ତି । କନ୍ୟାର ନାମ ଶ୍ରୀମତୀ ଶଶୀମୁଖୀ ଦାସୀ ବିଧବା ବୟସ ୧୪ ବର୍ଷ ଓ ବାବୁ ବ୍ରଜମୋହନ ବସୁଙ୍କ ଦୁହିତା ଅଟନ୍ତି । ବିଧବା ବିବାହର ପ୍ରଥା ବଙ୍ଗଦେଶରୁ ଚଳନ ହୋଇ ଅବଧି ସେ କେବଳ ମେଦିନୀପୁର ପର୍ଯ୍ୟନ୍ତ ଆସିଅଛି ଏହି ଅତି ଆଶ୍ଚର୍ଯ୍ୟ । ସମ୍ବଲପୁରରୁ ସମ୍ବାଦ ପାଇଅଛୁଁ ଯେ ସେଠାରେ ନୂତନ ଚାଉଳ ଗତ ମାସ ଆରମ୍ଭରେ ଟଙ୍କାକୁ ସେ୧୩ର ଲେଖାଏ ବିକ୍ରି ହେଉଥିଲା ଓ ସେ ଅଞ୍ଚଳରେ ଫସଲର ଆଗମ ଭଲ ଦେଖା ଯାଉ-ଥିବାରୁ ଉତ୍ତରୋତ୍ତର ଶସ୍ତା ହେବାର ସମ୍ପୂର୍ଣ୍ଣ ଭରସା ହେଉଥିଲା । ମଧ୍ୟ ସମ୍ବଲପୁର ଦିଗରୁ ଆଜିକାଲିରେ ଅନେକ ଡଙ୍ଗା ଚଳମ ଘେନି ଆସୁଅଛି । ଏହି ହେତୁରୁ ବଜାରରେ ଗତ ସପ୍ତାହ ଅପେକ୍ଷା ଚାଉଳ କିଛି ବଢ଼ିଅଛି । ସରକାର ଯେବେ ସେଣ୍ଟରରୁ ଅଧିକରେ ବିକ୍ରି କରନ୍ତେ ତାହାହେଲେ ବଜାରରେ ମଧ୍ୟ ଶସ୍ତା ହୁଅନ୍ତା ସନ୍ଦେହନାହିଁ ।

ଯାଜପୁରରୁ ସମ୍ବାଦ ପାଇଅଛୁ ଯେ ସେଠାରେ ଅସିଷ୍ଟାଣ୍ଟ କଲେକ୍ଟର ଶ୍ରୀଯୁକ୍ତ ଅର୍ମିଷ୍ଟ୍ର ସାହେବ ଲୋକଙ୍କ ସାହାଯ୍ୟ ନିମନ୍ତେ ନାନା ପ୍ରକାର ଯତ୍ନ କରୁଅଛନ୍ତି ଏକ ସମୟରେ ସେଠାକାର ସରକାରୀ ଚାଉଳ ସରିଯିବାରୁ ପ୍ରଶଂସିତ ସାହେବ ଅନ୍ଧକାର ରାତ୍ରିକାଳରେ ସ୍ୱୟଂ ପଦବ୍ରଜରେ ନାଉରିଆମାନଙ୍କ ଘରକୁଯାଇ ସେମାନଙ୍କୁ ଅନେକ ଯତ୍ନରେ ସମ୍ମତକରାଇ ସେହି ରାତ୍ରରେ ଚାଉଳ ଆଣିବା ସକାଶେ ପ୍ରେରଣକଲେ ।

ଆମ୍ଭର ସମ୍ବାଦଦାତା ଆପଣା ପତ୍ରକୁ ଅତିଶୟ ବାହୁଲ୍ୟକରି ଲେଖିବାରୁ ତାହା ସମୁଦାୟ ପ୍ରକାଶ କରିନପାରିଲୁଁ ।

Digitized by srujanika@gmail.com

Split by PDF Splitter



ଆମ୍ଭେମାନେ ଦୁଃଖର ସହିତ ଅବଗତ ହୋଇଅଛୁ ଯେ ଯାଜପୁରର ନେଟିବ ଡାକ୍ତର ଶ୍ୟାମସୁନ୍ଦର ଦେ ଓ ଅନୁଗୁଳର ନେଟିବ ଡାକ୍ତର ସଦାନନ୍ଦ ଅକାଳରେ କାଳପ୍ରାପ୍ତ ହୋଇଅଛନ୍ତି । ଡାକ୍ତରଙ୍କ ଉଦ୍ୟମରେ ରୋଗର ବିନାଶ କି ହୁଅନ୍ତା ତତ୍ ବିପରୀତରେ ରୋଗର ପ୍ରଭାବ ହେତୁରୁ ଆଗେ ଡାକ୍ତରମାନେ ନଷ୍ଟ ହେଉଅଛନ୍ତି ।

ହିନ୍ଦୁ ପେଟ୍ରିୟଟ ଲେଖନ୍ତି ଯେ ତାଙ୍କର ଜଣେ ସମ୍ବାଦଦାତା ମୁର୍ଶିଦାବାଦରେ ରାଣୀ ସ୍ୱର୍ଣ୍ଣମୟୀଙ୍କର ବଦାନ୍ୟତାର ନାମ ଦୃଷ୍ଟାନ୍ତ ଦେଇ ତନ୍ମଧ୍ୟରେ ଲେଖିଅଛନ୍ତି ଯେ ଉକ୍ତ ରାଣୀ ଦୁର୍ଭିକ୍ଷ ହେତୁରୁ ଆପଣା ରୟତମାନଙ୍କମଧ୍ୟରୁ ପ୍ରତି ମାସ ୫୧୦୦ଙ୍କାର ଅନଧିକ ବେତନଭୋଗି ରୟତଙ୍କୁ ଅଧିକା ଏକ ମାସର ଦରମାହା ଦାନକରିଅଛନ୍ତି ।

ପୁରୀ ସ୍କୁଲର ଦ୍ୱିତୀୟ ଶିକ୍ଷକ ଶ୍ରୀ ବାବୁ ଦ୍ୱାରକାନାଥ ମୁଖୋପାଧ୍ୟାୟ ପୁରୀ ଓ ଅନୁଗୁଳ ଇସ୍କୁଲମାନଙ୍କର ଡିପୋଟି ଇନସ୍ପେକ୍ଟର କର୍ମରେ ଏକଟିଙ୍ଗ ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

ଯଶୋହର ପୁଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଚେମ୍ବର୍ସ ସାହେବ ଯେକି କେତେଦିନ ପୂର୍ବେ ଏକ ସବଇନ୍ସପେକ୍ଟରଙ୍କୁ ପ୍ରହାର କରିଥିଲେ ବାଲେଶ୍ୱରରୁ ବଦଳି ହୋଇଅଛନ୍ତି । ବାଲେଶ୍ୱରସ୍ଥ ପୁଲିସ କର୍ମଚାରୀମାନେ ସତର୍କରେଥିବେ । କେଜାଣି ଏ ଦ୍ୱିତୀୟ ମେକ ନାଟେନ ସାହେବ ନୁହନ୍ତି ।

ଦକ୍ଷିଣରେ ଟ୍ରେଭେନ୍‌କୋର ନାମକ ଏକ ଦେଶର ରାଜା ଆପଣା ପ୍ରଜାମାନଙ୍କ ଉନ୍ନତି ସକାଶେ ଅତ୍ୟନ୍ତ ସଚେଷ୍ଟିତ ଅଛନ୍ତି । ସ୍କୁଲ ଇତ୍ୟାଦି ସ୍ଥାପନ କରିଅଛନ୍ତି ଓ ସେମାନଙ୍କ ମଧ୍ୟରେ ଚଳିତ କୁନିୟମ ଦୂରକରଣାର୍ଥେ ଯତ୍ନ କରୁଅଛନ୍ତି । ସୁଶିକ୍ଷିତ ଯୋଗ୍ୟ ବ୍ୟକ୍ତିମାନ ଦେଖି ଆପଣାର ମନ୍ତ୍ରି ଇତ୍ୟାଦି କର୍ମରେ ନିଯୁକ୍ତ କରୁଅଛନ୍ତି । ଏଥିରେ ସରକାର ତାହାଙ୍କୁ ରାଜାବାହାଦୁର ଓ ଷ୍ଟାରଅବ୍‌ଇଣ୍ଡିଆ ଏ ଦୁଇପଦ ଦେଇଅଛନ୍ତି । ଆମ୍ଭେମାନେ ଭରସା କରୁଁଯେ ଏ ଦେଶସ୍ଥ ରାଜାମାନେ ଉପରୋକ୍ତ ମହାତ୍ମାଙ୍କ ଦୃଷ୍ଟାନ୍ତ ଗ୍ରହଣ ପୂର୍ବକ ପ୍ରଜାପାଳନ ଦ୍ୱାରା ଇହକାଳରେ ସୁଖ୍ୟାତି ଲାଭକରି ସରକାର ଓ ଜନସମାଜର ସନ୍ତୋଷବର୍ଦ୍ଧନ କରନ୍ତୁ ।

ଗତମାସ ତା୩୦ରିଖ ପତ୍ରିକାରେ ଇଙ୍ଗ୍ଲିସମ୍ୟାନ ସମ୍ପାଦକ ବଙ୍ଗଳା ଦେଶ ନ୍ୟାୟ ଉଡ଼ିଶ୍ୟାରେ ଚିରକାଳ ନିମନ୍ତେ ବନ୍ଦୋବସ୍ତ ପ୍ରଚଳିତ କରିବା ସକାଶେ ଅନୁରୋଧ କରିଅଛନ୍ତି ।

Digitized by srujanika@gmail.com

Split by PDF Splitter



ଏଡ୍‌ୁକେସନ ଗେଜେଟ ସମ୍ପାଦକ କୁହନ୍ତି ଯେ ସ୍ୱଦେଶୀୟ ଲୋକମାନଙ୍କ କ୍ଳେଶ ଦୂରକରଣାର୍ଥ ବାଙ୍କୁଡ଼ାର ମହାରାଜା କେତେ କୋଠି ଧାନ୍ୟ ବିତରଣ କରିଅଛନ୍ତି ।

ଶ୍ରୀଯୁକ୍ତ ବାବୁ ଗିରିଶଚନ୍ଦ୍ର ଘୋଷ ଯେ ଏଥିପୂର୍ବ ଏଠାର ଗ୍ରେଟ ଅଦାଲତରେ ଏକଟିଂଜଜ ଥିଲେ ପାଟନାର ଉକ୍ତ ଅଦାଲତର ଜଜ ହୋଇଅଛନ୍ତି ।

ଗତକାଲିଠାରୁ ସରକାରୀ ଚାଉଳ ଫି ଟଙ୍କାକୁ ସେଷ୍ୟ ଓ ଧାନୁଆ ସେତ୍ୟର ଭାଉରେ ବିକି ହେଉଅଛି । ସମ୍ବଲପୁରରୁ ବିଶେଷ ଚାଉଳ ଆସିଥିବାରୁ ଏ ରୂପ ହୋଇଅଛି ।

ଆମ୍ଭେମାନେ ଅବଗତ ହେଲୁଁ ଯେ ତାଳଦଣ୍ଡା ମୁକାମର ଚାଉଳ ଦାରୋଗା କଙ୍ଗାଳି ମହାପାତ୍ର ଓ ତାହାର ଅଧୀନ ତପରସି ଦଣ୍ଡିଧାର ଓଗେର ସରକାରୀ ଚାଉଳ କିରୂପ ଅପବ୍ୟୟ କରିବାରୁ କର୍ମଚ୍ୟୁତ ହୋଇ ଫଉଜଦାରି ସପୋର୍ଦ୍ଦ ହୋଇଅଛନ୍ତି । ମକଦମା କେନ୍ଦ୍ରାପଡ଼ା ଅସିଷ୍ଟାଣ୍ଟ ମେଜେଷ୍ଟରଙ୍କ ସାକ୍ଷାତରେ ଉପସ୍ଥିତ ଅଛି । ଆମ୍ଭେମାନେ ଶୁଣିଅଛୁଁ ଯେ ମହାପାତ୍ର ମହାଶୟର ଖ୍ରୀଷ୍ଟିଆନ ଥିବାରୁ ପାଦ୍ରି ସାହେବଙ୍କ ସୁପାରସ ମତେ ନିଯୁକ୍ତ ହୋଇଥିଲା ମାତ୍ର ସ୍ୱୟଂ କଙ୍ଗାଳି ଯେବେ କଙ୍ଗାଳିଙ୍କ ଦୁଃଖ ନ ବୁଝିବ ତେବେ ଯେଥିରେ କାହାର ଦୋଷ ଦିଆଯାଇପାରେ ।

---

## ପ୍ରେରିତ ପତ୍ର

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ,

ଆପଣଙ୍କ ଗତ ଆଗଷ୍ଟମାସ ତା୧୯ରିଖ ପତ୍ରିକା ଅନ୍ତର୍ଗତ ସମ୍ପାଦକୀୟ ସ୍ତମ୍ଭରେ କଟକ ଇଂରେଜିସ୍କୁଲର ଶିକ୍ଷାପ୍ରଣାଳୀ ବିଷୟରେ ଯାହା ଲେଖିତ ହୋଇଥିଲା, ତଦ୍ବିଷୟରେ ଆମ୍ଭର କିଛି ବକ୍ତବ୍ୟ ଅଛି । ଅତଏବ ଆପଣ ନିମ୍ନଲିଖିତ କତିପୟ ପଂକ୍ତି ଉକ୍ତ ନବୋଦିତ ପତ୍ରିକାରେ ପ୍ରକାଶିତକରି ବାଧିତ କରିବା ହେବେ ।

ଆପଣ ଲେଖିବା ହୋଇଥିଲେ ବିଦ୍ୟାଳୟ ବିଷୟରେ ଯେତେ ପ୍ରକାର ଶିକ୍ଷା ପ୍ରଦାନ ହୁଏ ତନ୍ମଧ୍ୟରେ ସାହିତ୍ୟ ଶିକ୍ଷା ସୁକଠିଣ । ବୋଧହୁଏ ବିଜ୍ଞମାନେ ଏହା ସ୍ୱୀକାର କରିବେ । ବିଶେଷରେ ବୈଦେଶିକ ସାହିତ୍ୟ ଅଧିକରେ ଦୁରୂହ । ଅନ୍ୟାନ୍ୟ

Digitized by srujanika@gmail.com

Split by PDF Splitter



ବିଷୟ ଅପେକ୍ଷା ଏଥିରେ ପ୍ରାୟ ଦୁଇଗୁଣ ସମୟ କ୍ଷେପ କରିବା ଉଚିତ । କମାଁ ବ୍ୟାକରଣ ରଚନା ଅନୁବାଦ ପ୍ରଭୃତି ତଦନ୍ତର୍ଭୁକ୍ତ ପ୍ରାୟ ସକଳ ବିଦ୍ୟାଳୟରେ ଗଣିତ ଇତିହାସାଦି ଶିକ୍ଷାଦେବା ନିମନ୍ତେ ଘଣ୍ଟାଏ ଲେଖାଏ ସମୟ ନିରୂପିତ ହୋଇଅଛି । ତାହାହେଲେ ସାହିତ୍ୟ ଶିକ୍ଷା ନିମନ୍ତେ ଅନଧିକ ଦୁଇଘଣ୍ଟା ଦେବା ବିହିତ । ନୋହିଲେ ଉକ୍ତ କଠିଣ ବିଷୟରେ ସୁଗ୍ରୁ ଶିକ୍ଷାଦେବା ଅସମ୍ଭବ । ଅତଏବ ଜଣେ ଶିକ୍ଷକଙ୍କୁ ଭିନ୍ନ ଶ୍ରେଣୀରେ ସାହିତ୍ୟ ଶିକ୍ଷା କରାଇବାକୁ ହେଲେ ନିତାନ୍ତ ପାଞ୍ଚଘଣ୍ଟା ସମୟ ଲାଗିବ । (ବିଶେଷରେ ଉଚ୍ଚ ଶ୍ରେଣୀରେତ ରଚନାବଳୀ ସଂଶୋଧନ କରିବାର ଆବଶ୍ୟକ) । କିନ୍ତୁ ସ୍କୁଲରେ କେବଳ ପାଞ୍ଚଘଣ୍ଟା ସମୟ ପଢ଼ାଇବା ନିମନ୍ତେ ନିର୍ଦ୍ଧାରିତ ଅଛି । ଗବର୍ଣ୍ଣମେଣ୍ଟଙ୍କ ଅଭିପ୍ରାୟ ଏହିଯେ ହେଡ଼ମାଷ୍ଟର ଶ୍ରେଣୀ ବିଶେଷରେ ଶିକ୍ଷା ଦେବା ଓ ସକଳ ଶ୍ରେଣୀରେ ତତ୍ତ୍ୱାବଧାରଣ କରିବେ ତାଙ୍କର ଏହି ଉପଯୋଗି କାର୍ଯ୍ୟ । ଅତଏବ ଶେଷୋକ୍ତ କାର୍ଯ୍ୟ ନିମନ୍ତେ ତାଙ୍କର କିଛି ସମୟ ରଖିବା ଆବଶ୍ୟକ । ବିଦ୍ୟା ବିଶାରଦ ବିଜ୍ଞବର ଶ୍ରୀଯୁକ୍ତ କେ. କାର ସାହେବଙ୍କ ମତାନୁସାରେ ହେଡ଼ମାଷ୍ଟର ଶିକ୍ଷା ବିଧାନ କରିବାପାଇଁ ସମ୍ପୂର୍ଣ୍ଣ ତିନିଘଣ୍ଟା ଓ ତତ୍ତ୍ୱାବଧାରଣ କରିବାପାଇଁ ପୂର୍ଣ୍ଣ ଦୁଇଘଣ୍ଟା ବ୍ୟାପୃତ ରହିବେ । କିନ୍ତୁ ଆମ୍ଭ ମତରେ ସ୍କୁଲ ବିଶେଷରେ ଯେବେ ହେଡ଼ମାଷ୍ଟରଙ୍କୁ ଅଧିକକାଳ ଶିକ୍ଷା ଦେବା ଆବଶ୍ୟକ ହୁଏ ତେବେ ତହିଁରେ ଗୃହଘଣ୍ଟା ସମୟ ବ୍ୟୟ ହୋଇପାରେ । ଯେଉଁ ଯେଉଁ ହେଡ଼ମାଷ୍ଟରମାନେ ଗୃହଘଣ୍ଟାରୁ ଅଧିକ ସମୟ ଶିକ୍ଷାଦେବା ବିଷୟରେ କାଳ କ୍ଷେପଣ କରନ୍ତି ସେମାନେ ସ୍ୱକର୍ତ୍ତବ୍ୟ ସାଧନ କରନ୍ତିନାହିଁ ଓ ସ୍କୁଲର ଅନିଷ୍ଟକାରକ ହୁଅନ୍ତି । ଅତଏବ ଆପଣଙ୍କ ଅଭିମତରେ ହେଡ଼ମାଷ୍ଟରଙ୍କୁ ତିନିଘଣ୍ଟା ଉଚ୍ଚ ଶ୍ରେଣୀରେ ସାହିତ୍ୟ ଶିକ୍ଷା ଦେବା ଓ ଶ୍ରୀମତୀ ମହାରାଣୀଙ୍କୁ ଆଶୀର୍ବାଦ କରିବା ଏ ଦୁହେଁ ତୁଲ୍ୟ । ଉଲ୍ଲିଖିତ ଅଭିପ୍ରାୟ ଅନୁଯାୟୀ ଗବର୍ଣ୍ଣମେଣ୍ଟ ଇଂରେଜୀ ସ୍କୁଲ ପକ୍ଷରେ ପ୍ରଯୁଜ୍ୟ ହେଲେ ବେଶ ଜ୍ଞାନ ହେବ । ବିପକ୍ଷରେ ହିନ୍ଦୀ ବିଦ୍ୟାର ଶିକ୍ଷକମାନଙ୍କର ସ୍ୱତନ୍ତ୍ର ସ୍ୱତନ୍ତ୍ର ବିଷୟରେ ଅବଗତ ଅନୁ- ନିମନ୍ତେ କମେଟୀ କର୍ତ୍ତୃକ ନିରୂପିତ ହୁଏ । ସୁତରାଂ ଶିକ୍ଷକମାନେ ସ୍ଥାନାନ୍ତରିତ ହେଲେ ସ୍ଥାପିତ ନିୟମ ପରିବର୍ତ୍ତନ କରିବାକୁ ହୁଏ । ଏ କିଛି ମହୋଦୟ କର୍ଣ୍ଣେଲ ମ୍ୟାଲେସନ ସାହେବଙ୍କ ଦଶସାଲର ବନ୍ଦୋବସ୍ତ ନୁହେଁ ଯେ ଚିରକାଳ ଏ ପ୍ରକାର ଥିବ । ବର୍ତ୍ତମାନ ଯେଉଁ ନିୟମରେ କାର୍ଯ୍ୟନିର୍ବାହ ହେଉଅଛି ବୋଧହୁଏ ଦ୍ୱିତୀୟ ଶିକ୍ଷକ ଅଳ୍ପକାଳ ମଧ୍ୟରେ ନିଯୁକ୍ତ ହୋଇ ଆସିଲେ ତାହାର ପରିବର୍ତ୍ତନ ହେବାର ସମ୍ଭାବନା । ପୁନଶ୍ଚ ଆପଣ ପ୍ରଶଂସିତ ଯଦୁବାବୁଙ୍କ ସମୟର ପ୍ରଚଳିତ ପ୍ରଣାଳୀ ଅନୁସରଣ କରିବାକୁ ଅନୁରୋଧ କରୁଅଛନ୍ତି କିନ୍ତୁ ସେହି ପ୍ରଣାଳୀର ଅସାରତା ଉଲ୍ଲିଖିତ ରଚନାବଳୀ ଦ୍ୱାରା ସ୍ପଷ୍ଟ ପ୍ରତୀୟମାନ ହେଉଅଛି । ଅତଏବ ଉକ୍ତ ପ୍ରଣାଳୀ

Digitized by srujanika@gmail.com

Split by PDF Splitter



ଅବଲମ୍ବନ କରିବା ଅନୁଚିତ ଏବଂ ସମ୍ପ୍ରତି ଯେଉଁ ରୀତିରେ ଶିକ୍ଷା ହେଉଅଛି ସେ ସେ ବିଶୁଦ୍ଧ ତାହା ନୁହେଁ । ଅତଏବ ଏ ଦୁହେଁ ପରିତ୍ୟୋଜ୍ୟ କି ମଧ୍ୟକଳ୍ପିତ ।

ମୁକାମ—କଟକ
ତା ୨୮ ରିଖ ଅଗଷ୍ଟ
ସନ ୧୮୬୭ ମସିହା

ବଶମ୍ବଦ
ଶ୍ରୀ ତାରିଣୀ ଚରଣ ମୁଖୋପାଧ୍ୟାୟ

ପ୍ରଧାନ ଶିକ୍ଷକ କଥା ଆପଣା କର୍ତ୍ତବ୍ୟ ସମସ୍ତକର୍ମ କଲେଥିବା ସେ ଏକ ଶ୍ରେଣୀରୁ ଅଧିକ ଶ୍ରେଣୀର ବାଳକଙ୍କୁ ସାହିତ୍ୟ ଶିକ୍ଷା ଦେବାକୁ ସମୟ ପାଇବେନାହିଁ, ଏହା ଆମ୍ଭର ବିଶ୍ୱାସ ହେଉନାହିଁ ଏବଂ ପୂର୍ବର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଯଦୁବାବୁ ଛଅ ଶ୍ରେଣୀରେ ସାହିତ୍ୟ ଶିକ୍ଷା ଦେଉଥିଲେ ବୋଲି ଯେ କେବଳ "ମହାରାଣୀଙ୍କୁ ଆଶୀର୍ବାଦ କରୁଥିଲେ, ଏ କଥା ଯେ କି ପର୍ଯ୍ୟନ୍ତ ଅମୂଳକ ଯେଉଁମାନେ ଉକ୍ତ ଶିକ୍ଷକଙ୍କ ଗୁଣମାନଙ୍କୁ ଜାଣନ୍ତି ସେମାନେ ବୁଝିପାରିବେ ପ୍ରକୃତରେ ବର୍ତ୍ତମାନ ସ୍କୁଲର ଯେ ଅବସ୍ଥା ଅଛି ଉକ୍ତ ଶିକ୍ଷକଙ୍କ ସମୟରେ ତଦପେକ୍ଷା କୌଣସି କ୍ରମେ ନ୍ୟୂନ ନଥିଲା । ଆମ୍ଭମାନଙ୍କ ଲେଖିବାର ମର୍ମ ଏହି ଥିଲାଯେ କୌଣସି ପ୍ରକାରରେ ସ୍କୁଲର ଶିକ୍ଷାପ୍ରଣାଳୀ ଉତ୍ତମ ହେଉ ଓ ଯେ ସ୍ଥଳେ ଲେଖକଙ୍କ ମତରେ ପୂର୍ବର ଓ ବର୍ତ୍ତମାନ ଏ ଦୁଇ ପ୍ରଣାଳି ପରିତ୍ୟୋଜ୍ୟ ଅଟଇ ସେ ସ୍ଥଳେ ଆମ୍ଭେମାନେ ଏହି ବାଞ୍ଛା କରୁଁ ଯେ ଲର୍ଡ କର୍ଣ୍ଣଓୟାଲିସ ସାହେବଙ୍କ ଚିରସ୍ଥାୟୀ ବନ୍ଦୋବସ୍ତରେ ଯେ ରୂପ ବଙ୍ଗ ଦେଶର ଶ୍ରୀ ବୃଦ୍ଧି ହୋଇଅଛି ତଦ୍ରୂପ କୌଣସି ଶିକ୍ଷାର ସୁପ୍ରଣାଳି ଦ୍ୱାରା ସ୍କୁଲର ଶ୍ରୀ ବୃଦ୍ଧି ହେଉ ।

ସମ୍ପାଦକ ଉ. ଦୀ.

---

## ପତ୍ରିକାର ମୂଲ୍ୟ ପ୍ରାପ୍ତି ସଂବାଦ ।

ଶ୍ରୀଯୁକ୍ତ ମିଷ୍ଟର ଜେ ଆର୍ମିଷ୍ଟ୍ରଂ ସାହେବ ଯାଜପୁର
ମା୬ଏ ଅଗ୍ରିମ ମୂଲ୍ୟ ଡାକ ମାସୁଲ ସହିତ.......................ଟ୪୯/

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ଦାସଚୌଧୁରୀ ଦକ୍ଷିଣପଡ଼ା.........ଟ୩ଙ୍କା

ଶ୍ରୀଯୁକ୍ତ କେଶବାନନ୍ଦ ମହାପାତ୍ର ଯାଜପୁର.......................ଟ୧୫

Digitized by srujanika@gmail.com

# ଉତ୍କଳ ଦୀପିକାର ମୂଲ୍ୟ

| | |
|---|---|
| ଅଗ୍ରିମ ବାର୍ଷିକ ମୂଲ୍ୟ | ଟ ୫ ଙ୍କା |
| ଛମାସର ଅଗ୍ରିମ ମୂଲ୍ୟ | ଟ ୩ |
| ତିନମାସର ଅଗ୍ରିମ ମୂଲ୍ୟ | ଟ ୧। |
| ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ | ଟ ୬ ଙ୍କା |
| ପ୍ରତି ଖଣ୍ଡର ମୂଲ୍ୟ | ଟ ॰। |

---

ସହର କଟକ ଆଲମଚନ୍ଦ ବଜାର କଟକ ପ୍ରିଣ୍ଟିଙ୍ଗ କମ୍ପାନିର ପଥର ଛାପାରେ ଛପାଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା

ଭା୧ଗ ଶନିବାର ତା ୧୫ ରିଖ ମାହେ ସେପ୍ଟମ୍ବର ସନ ୧୮୬୬ ମସିହା
ମୁତାବକ ଦା୧୮ନ ଆଶ୍ୱିନ ସନ ୧୨୭୩ ସାଲ ସପ୍ତମ ସଂଖ୍ୟା

ଯେତେବେଳେ ଦୁର୍ଭିକ୍ଷର ଆରମ୍ଭ ହେଲା ସେତେବେଳେ ଲୋକମାନେ ଏଥିର ନାନା ପ୍ରକାର କାରଣ ଦର୍ଶାଇ ଶସ୍ୟର ବିଶେଷ ହାନି ହୋଇଥିବାର ଅଳ୍ପ ଲୋକ ବିଶ୍ୱାସ କରୁଥିଲେ । ମାତ୍ର ଗତ ଦଶମାସରେ ଦେଶର ଯେ ଯେ ଅବସ୍ଥା ହେଲା ତାହା ଆଲୋଚନାକରି ବର୍ତ୍ତମାନ ସମସ୍ତେ ଏହା ନିଶ୍ଚୟ କରିଅଛନ୍ତି ଯେ ଅନାବୃଷ୍ଟିର ଫସଲ ନଷ୍ଟ ହେବାରୁ ଏ ଦୁର୍ଦ୍ଦଶା ଘଟିଅଛି । ଅତଏବ ବିବେଚନା କରିବାର ଉଚିତ ଯେ ଏ ଦଇବି ଦଣ୍ଡ ହେତୁରୁ କୃଷିକାରୀମାନଙ୍କୁ ସୁତରାଂ ଜମିଦାରମାନଙ୍କୁ ରାଜସ୍ୱ ମାଫ ଦେବାର ଆବଶ୍ୟକ କି ନା । ଚଳିତ ବନ୍ଦୋବସ୍ତ ଆରମ୍ଭଠାରୁ ରାଜସ୍ୱ ମାଫ ଦେବାର ପଥା ଚଳି ଆସୁଅଛି । ଜମିଦାରମାନଙ୍କଠାରୁ ନିଆଯାଇଥିବା କବୁଲିୟତରେ ଏଥିର ସର୍ତ୍ତ ନାହିଁ ସତ୍ୟ ମାତ୍ର ଏ ଆପତ୍ତି ପୂର୍ବରୁ ଖଣ୍ଡନ ହୋଇଅଛି । ଶ୍ରୀଯୁକ୍ତ ମିଲ୍ସ ସାହେବ କମିସର ବନ୍ଦୋବସ୍ତ ରିପୋର୍ଟରେ ଲେଖନ୍ତି ଯେ ଜମିଦାରମାନଙ୍କୁ ଲୋକସାନ ମାଫ ଦିଆନଯିବାର ସ୍ପଷ୍ଟ ଅଙ୍ଗୀକାର କରାଯାଇ ନାହିଁ କାରଣ କଟକ ଜିଲ୍ଲା ଅନିଶ୍ଚିତ ଋତୁମାନଙ୍କ ଅଧୀନ ଥିବାରୁ ଓ ସୁତରାଂ ଅତି ବୃଷ୍ଟି ଓ ଅନାବୃଷ୍ଟିରେ ପ୍ରାୟ ସର୍ବଦା ଶସ୍ୟମାନଙ୍କର ବିଶେଷ ହାନି ହେଉଥିବାରୁ ବନ୍ଦୋବସ୍ତ ଜମା ସବୁବର୍ଷ ଆଦାୟ ହୋଇନପାରେ, ପ୍ରଶଂସିତ ସାହେବ ଆହୁରି ଲେଖନ୍ତି ଯେ ଲୋକମାନଙ୍କ ସୁଖ ସ୍ୱଚ୍ଛନ୍ଦତା ରକ୍ଷା ହୋଇ ଯେତେ ରାଜସ୍ୱ ଆଦାୟ ହୋଇପାରେ ତାହା ନିଆଯାଉଅଛି ଓ ଭୂମିର କର ଯଥେଷ୍ଟ ରୂପେ ଅଧିକ ହୋଇଅଛି । ଏହି ସମସ୍ତ ବିବେଚନାରେ ଲୋକସାନ ମାଫ ଦିଆଯିବାର ପ୍ରଥା ଚଳିଆସୁଥିଲା । ସନ ୧୮୩୪-୩୫ ସାଲରେ ଧୋଇ ହେବାରେ ଟ୧୮୬୧୦ଙ୍କା ମାଫ ଦିଆଯାଇଥିଲା । ସନ ୧୮୩୭-୩୮ (୪୪ଅଙ୍କ ଦୁର୍ଭିକ୍ଷ)ରେ ଟ୫୮୭୧୪୭ଙ୍କା ଛାଡ଼ ଦିଆଯାଇଥିଲା । ସନ ୧୮୪୨-୪୩ରେ ଟ୪୮୬୨୧୫ଙ୍କା ମାଫ ହୋଇଥିଲା । କଲିକତା କୋର୍ଟ ଅବ୍ ଡାଇରେକ୍ଟର ଲେଖନ୍ତି ଯେ ଓଡ଼ିଶାରେ ଅତି ବୃଷ୍ଟି ଓ ଅନାବୃଷ୍ଟିରେ ଶସ୍ୟର ଅତିଶୟ ହାନି ହେଉଥିବାରୁ ଲୋକମାନଙ୍କର ଏ ପ୍ରକାର

Digitized by srujanika@gmail.com

ନଷ୍ଟ ହେଉଅଛି ଓ ସେ ଦେଶରେ ଧନ ଅଧିକ ନଥିବାରୁ ଶସ୍ୟର ଆଂଶିକ କ୍ଷତି ହେଲେ ସୁଦ୍ଧା ସେଥିରୁ ଅତ୍ୟନ୍ତ ଶୋଚନୀୟ ଫଳମାନ ଜାତହୁଏ । ଶ୍ରୀଯୁତ ମିଲ୍ସ ସାହେବଙ୍କ ବିବେଚନାରେ ଉତ୍କଳ ଜମିଦାରମାନେ ସବୁ ବିବେଚନାଶୂନ୍ୟ ଓ ଅପବ୍ୟୟୀ ଅଟନ୍ତି ଓ ଭୂମିର କର ବ୍ୟତିରେକେ ସେମାନଙ୍କର ଅନ୍ୟ ଜୀବନୋପାୟ ନାହିଁ । ଏ ସମସ୍ତ ବୃତ୍ତାନ୍ତ ଅବଗତ ଥାଇ ଯେବେ ସରକାର ଉପରୁକ୍ତ କାରଣରୁ ଲୋକସାନ ଦେବାକୁ ଅସମ୍ମତ ହୁଅନ୍ତି ତେବେ ତାହା କଦାଚ ଯୁକ୍ତିସିଦ୍ଧ ନୁହେଁ । ଏଥିରୁ ସରକାରର ସ୍ପଷ୍ଟ ନିଷ୍ଠୁରତା ଓ ନ୍ୟାୟଶୂନ୍ୟତା ପ୍ରକାଶ ହେବ । ବନ୍ଦୋବସ୍ତ ଶେଷ ହେବାକୁ କେବଳ ଏକବର୍ଷ ମାତ୍ର ଅବଶିଷ୍ଟ ଅଛି ଓ ଏ ସମୟରେ ପୂର୍ବ ପ୍ରଚଳିତ ସୁନିୟମର ଅବହେଳା କରିବା ବୁଦ୍ଧିର କର୍ମ ନୁହଇ କାରଣ ତାହାହେଲେ ଚିରକାଳର ସତ୍ତ୍ୱବିବେଚନା ଲୋପପାଇ ପ୍ରଜାଙ୍କ ମନରେ କୁସଂସ୍କାର ଓ ଅବିଶ୍ୱାସ ଜାତ ହେବ ।

ଏହି ରୂପେ ଯେବେ ଲୋକସାନ ହେବାର କର୍ତ୍ତବ୍ୟ ହେଲା ତେବେ ବର୍ତ୍ତମାନ ବର୍ଷରେ ମାଫ ଦେବାର ଯେ କି ପର୍ଯ୍ୟନ୍ତ ଆବଶ୍ୟକ ଏ ବିଷୟ ଲେଖିବାର ବାହୁଲ୍ୟ । ଯେ ଦେଶରେ ଏକ ବର୍ଷ ପୂର୍ବରେ ଟଙ୍କାକୁ ୧୫।୩୦ ସେର ଚାଉଳ ମିଳୁଥିଲା ସେଠାରେ ଯେବେ ୩ସେରରେ ତାହା ଅପ୍ରାପ୍ୟ ହେଲା ତେବେ ଏଥିରୁ ଫସଲ ହାନିର ଆଉ ଅଧିକ ପ୍ରମାଣ କେଉଁଠାରେ ପ୍ରାପ୍ତ ହେବ ? ପ୍ରାଚୀନ ଲୋକ-ମାନେ କହୁଅଛନ୍ତି ଯେ ସେମାନେ ଏତାଦୃଶ ଦୁଃସମୟ କଦାଚ ଦେଖି ନାହାନ୍ତି ଓ ଯାହା ଆମ୍ଭେମାନେ ଦେଖୁଅଛୁଁ ସେଥିରୁ ଇତର ଲୋକଙ୍କ କଥା କି କହିବା ମଧ୍ୟବର୍ତ୍ତି ଲୋକମାନେ କି ଯାହାଙ୍କର ମାସକୁ ଟ୫୦।୬୦ଙ୍କା ସମ୍ବଳଅଛି ସେମାନେ ସୁଦ୍ଧା କାତର ହୋଇଅଛନ୍ତି ! ଏ ଅବସ୍ଥାରେ ଯେ ଜମିଦାରମାନେ ସ୍ୱଚ୍ଛନ୍ଦରେ ରାଜସ୍ୱ ପରିଶୋଧ କରିବେ ଏହା କିଏ ବିଶ୍ୱାସ କରିବ ? ମାତ୍ର ସରକାର ବୁଦ୍ଧିବିଶାରଦ ଅଟନ୍ତି । ଦୁର୍ଭିକ୍ଷର ପ୍ରଥମ ଅବସ୍ଥାରେ ଲୋକସାନ ହୋଇଥିବାର କହୁଥିଲେ ଏଥର ସେଥିରୁ ନିରସ୍ତ ହୋଇ କହୁଅଛନ୍ତି ଯେ ଦୁର୍ମୂଲ୍ୟ ହେଉରୁ ଜମିଦାରମାନେ ଅଧିକଲାଭ କରିଅଛନ୍ତି ତାଙ୍କୁ କ୍ଷତିପୂରଣ ଦେବାର କି ପ୍ରୟୋଜନ । ଯଥାର୍ଥ ? ରଙ୍ଗୁନ ସହରରେ ତ ୧ଟଙ୍କାକୁ ସେ୨୦ର ଚାଉଳ ମିଳୁଅଛି । ଓଡ଼ିଶାରେ କିମ୍ପା ଲୋକମାନେ ଗଡ଼ି ମରୁଅଛନ୍ତି ! ଧାନେଶ୍ୱର ଚଉଧୁରିଙ୍କ ଶସ୍ୟ ବିକି କରି ଅତୁଳ ଲାଭ କଲେ ଶୁନ୍ୟେଶ୍ୱର ପହରାଜ ଆପଣା ବହୁ କୁଟୁମ୍ବ ଭରଣପୋଷଣାର୍ଥେ କି ନିମନ୍ତେ ଲକ୍ଷପତି ଭଗତଠାରେ ଆପଣା ଜମିଦାରୀ ରହଣ ଦେଲେ । ଏଥିରୁ କେବଳ ଏତି ବୋଧହୁଏ ଯେ ଏ ଦେଶସ୍ଥ ଜମିଦାରଙ୍କ ଅବସ୍ଥାକୁ ସରକାର ଜ୍ଞାତ ନୁହନ୍ତି । ବାସ୍ତବରେ ଏ ଦେଶରେ ଅତି ଅଳ୍ପ ବଡ଼ ଜମିଦାର ଅଛନ୍ତି ଓ ଏହାଙ୍କ-ମଧ୍ୟରୁ ଯେଉଁମାନେ ସର୍ବଦା ସତର୍କ ହୋଇ ଧ୍ୟାନ ରଖୁଥିଲେ ସେମାନେ ଋଣୀ

Split by PDF Splitter

Digitized by srujanika@gmail.com

Split by PDF Splitter


ଅଧିକରେ ଲାଭ କରିଅଛନ୍ତି । ମାତ୍ର ଅଧିକାଂଶ ଜମିଦାରଙ୍କର ଅଳ୍ପ ଟଙ୍କାର ରିପୋର୍ଟ ସୁମସ୍ତରେ ସୁଦ୍ଧା ଜମିଦାରରୁ ଏମାନଙ୍କର ଅଧିକ ଲାଭ ହୁଏନାହିଁ । ନୋକସାନ ନପାଇଲେ ଏହାଙ୍କର ଅବସ୍ଥା କି ହେବ । ରଇତଠାରୁ ଟଙ୍କା ଅସୁଲ ହେବାର କଦାଚ ସମ୍ଭବ ନାହିଁ । ଯାହାର ଖେତ ଫଳିଥିଲା । ସେ ଯାହା ବିକି କରି ପାଇଥିବ ତାହା ଖାଦ୍ୟଦ୍ରବ୍ୟାଦି କିଣିବାରେ ଖର୍ଚ୍ଚ କରିଥାଇଥିବ ଓ ଯାହାର କିଛି ହୋଇନଥିଲା ସେ ହୁଏତ ଅନ୍ନଛତ୍ରରେ ନତୁବା ଜମାଲସ୍ଥରେ ବାସକରୁଅଛି । ଯଦ୍ୟପି ବିସ୍ତୃାଳରେ ଯତ୍କିଞ୍ଚିତ ଭରସାଥିଲା, ତାହା ଇନ୍ଦ୍ରଦେବତା ନଷ୍ଟ କରି-ଦେଇଅଛନ୍ତି । ଅନେକ ଜମିଦାର ଦେଢ଼ି ସୁଦ୍ଧା ଆଦାଏ କରିନାହାନ୍ତି ଓ ଆଗାମୀ କୃଷିର ଉଦ୍‌ଯୋଗରେ ମଧ୍ୟ ଅଧିକ ବ୍ୟୟ ସ୍ୱୀକାର କରୁଅଛନ୍ତି । ଏ ଅବସ୍ଥାରେ ରାଜସ୍ୱ ଦେବାର ଶକ୍ତି ସେମାନଙ୍କର କାହିଁ ? ସେମାନେ ସର୍ବତୋଭାବରେ କାତର ହୋଇ ନିଷ୍ଠସ୍ୱ କରିଅଛନ୍ତି ଯେ ନବମ୍ବର ମାସ ତାଙ୍କର ଅନ୍ତ୍ୟକାଳ ହେବ । ସରକାର ମୁକ୍ତ ନକଲେ ତାଙ୍କର ଆଉ ଉପାୟ ନାହିଁ । ଅତଏବ ଆମ୍ଭେ ପ୍ରାର୍ଥନା କରୁଁ ଯେ ଲୋକଙ୍କ ଦୁର୍ଦ୍ଦଶାମୋଚନ ଓ ମହାରାଣୀଙ୍କର ଗୌରବବର୍ଦ୍ଧନାର୍ଥେ ସରକାର ଆଗତ କିସ୍ତି ଖଜଣା ମାଫ ଦେଉନ୍ତୁ ଓ ତହିଁର ଘୋଷଣା ପତ୍ର ପୂର୍ବରୁ ପ୍ରଗ୍ରକରି ପ୍ରଜା ଓ ଜମିଦାରଙ୍କ ମନ ସ୍ଥିରକରନ୍ତୁ ।

ନୋକସାନ ତଦାରକ ପୂର୍ବରୁ ହୋଇନାହିଁ ଓ କେଉଁଠାରେ କି ପରିମାଣରେ ନଷ୍ଟ ହୋଇଅଛି ତାହା ଜଣାଯାଇ ନପାରେ ମାତ୍ର ମୋଟରେ ଯେ ଛ ଅଣାରୁ ଅଧିକ ଫସଲ ହୋଇନାହିଁ । ଏ ବିଷୟରେ ପ୍ରାୟ କାହାରି ସନ୍ଦେହ ହେବନାହିଁ ଏଣୁକରି ଆଗତ କିସ୍ତି ସମୁଦାୟ ଟଙ୍କା ମାଫ ଦେଲେ ସରକାର ବିଶେଷ କ୍ଷତିରେ ପଡ଼ିବେନାହିଁ ।

---

## ପହଙ୍ଗା ଅନ୍ନଛତ୍ର

ଚୌଧୁରୀ ରଘୁନାଥ ଦାସଙ୍କ ଜମିଦାରୀ ମଧ୍ୟରେ ସ୍ଥାପନ ହୋଇଥିବା ଦୁଇଗୋଟି ସାହାଯ୍ୟସ୍ଥାନର କର୍ମନିର୍ବାହ ବିଷୟରେ ଏକଖଣ୍ଡ ପତ୍ର ଶ୍ରୀଯୁତ କଲ୍ଟର ସାହେବଙ୍କ ପ୍ରାର୍ଥନାମତେ ପ୍ରକାଶ କରୁଅଛୁଁ । ସାହାଯ୍ୟ ସ୍ଥାନମାନ ଚୌଧୁରୀଙ୍କ ବିଶେଷ ପ୍ରାର୍ଥନା ଅନୁସାରେ ସ୍ଥାପନ ହୋଇଥିଲା ଏବଂ ସେ ଏ ବିଷୟରେ ସ୍ୱୟଂ ତତ୍ତ୍ୱାବଧାରକ ହେବାକୁ ଅଙ୍ଗୀକାର କରିଥିଲେ । ପତ୍ର ଲେଖିତ ବିଷୟମାନ ପହଙ୍ଗା ସାହାଯ୍ୟ ସ୍ଥାନ ସହିତ ସମ୍ପର୍କ ରଖେ ଓ ତଳପଡ଼ା ବ୍ରାହ୍ମଣ ପ୍ରାୟ ପହଙ୍ଗା

Digitized by srujanika@gmail.com

Split by PDF Splitter



ପରି ମନ୍ଦ ଅଟଇ, ଆମ୍ଭେମାନେ ବୋଧ କରୁଁ ଯେ ଚଉଧୁରୀ ମହାଶୟ ଅନ୍ୟ ଲୋକଙ୍କ ଉପରେ ଦୋଷଣମନର୍ଭର କରିବାକୁ ଏ ରୂପ ଘଟଣା ହୋଇଥିବ ତହାତ ଏ ଜିଲାର ଏକଜଣ ଜମିଦାରଙ୍କ ହସ୍ତରେ ଦୁଇ ସାହାଯ୍ୟ ସ୍ଥାନର କର୍ମ ତତ୍ତ୍ୱାବଧିବାରେ ସେଥିରେ କର୍ମ ଯେ ଏତାଦୃଶ ମନ୍ଦରୂପେ ନିର୍ବାହ ହେଲା ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ଆକ୍ଷେପର ବିଷୟ ।

---

ମୁକାମ ପଦ୍ମା ତା ୨୯ ଶେ ମାହେ ଅଗଷ୍ଟ ସନ ୧୮୬୭ ମସିହା,

ଶ୍ରୀ ଟି. ଏମ୍ ଜକ୍ବୁର୍ଡ଼ ମେନେଜର ସାହେବ

ମହୋଦୟେଷୁ

ମହାଶୟ

ଗତକାଲି ଦୁଇ ପ୍ରହର ଦୁଇଟା ସମୟରେ ଏଠାରେ ପଦ୍ମସ୍ଥ ଜମିଦାରୀ କଚେରୀରେ ଗୃଭଲ ବନ୍ଦୀ ସ୍ଥାନକୁ ଗଲୁଁ । ବାଟରେ କେତେକ ମୌଯାର ଲୋକ-ମାନେ ଗୃଭଲ ଖଣ୍ଡ ବେଶୀଥିବା ଓ କମ ଓଜନରେ ବନ୍ଧ ହେଉଥିବାର କହିଲେ । ଆମ୍ଭେ ପଦ୍ମସ୍ଥଲ ଷଣ୍ଣୀ ଯେଉଁମାନେ ଗୃଭଲ ନେଇଥିଲେ ତାଙ୍କଠାରୁ ଗୃଭଲ ଫେରିନେଇ ଅନ୍ନଛତ୍ର ମୋହରର ଓ କଚେରି ଲୋକଙ୍କ ସାକ୍ଷାତରେ ମାପକରି ପ୍ରତି ସେରରେ ଅଧପା ଅଢ଼ାଇ ଊଣା ଦେଖି ଆଶ୍ଚର୍ଯ୍ୟ ହେଲୁଁ ଆହୁରି ଦେଖିଲୁଁ ଯେ ସରକାରରୁ ଯେ ଓଜନ ଦିଆଯାଇଅଛି ସେଥିରେ ମାପ ନ ହୋଇ ଗୋଟାଏ ମାଣରେ କି ତାକୁ ସେମାନେ ଏକପା ଓଜନ ଥିବାର କହନ୍ତି ମାପ ହେଉଥିଲା ଆମ୍ଭେ ଏହା ରହିତ କରି ତରାଜୁ ଓଜନରେ ଚାଉଳ ଦେବାରେ ଖରିଦଦାରମାନେ ଅତ୍ୟନ୍ତ ଆନନ୍ଦହେଲେ ମାତ୍ର ମୋହରର ଓ ଜମିଦାରର ଲୋକ ଅତି ଅସନ୍ତୁଷ୍ଟ ହେବାର ଜଣାଗଲା । ଛତ୍ର ସ୍ଥାନରେ ଦେଖିଲୁଁ ଯେ ଅତି ମନ୍ଦରୂପ ଭାତ ରନ୍ଧା ହେଉଅଛି । ଜ ୫୦।୬୦ ଜଣ ପୁରୁଷ ଓ ବାଳକ ଓ ସ୍ତ୍ରୀ ମନ୍ଦର ମଧ୍ୟରେ ସମ୍ପୂର୍ଣ୍ଣ ଆହାର ପାଉଅଛନ୍ତି ଅମ୍ଭର ବିଶ୍ୱାସ ହୁଏ ଯେଉଁଠାରେ ଜମିଦାର ସାବଧାନ କରୁଅଛି ସେ ସ୍ଥାନରେ ଏହି ପ୍ରଥା ଚଳଣ ଅଛି । ଦୁଃଖୀମାନେ ଖାଇବା ସମୟରେ କହିଲେ ଯେ ଏ ସାହାଯ୍ୟ ସ୍ଥାନ ସ୍ଥାପନ ଅବଧି ଏକଦିବ ସେମାନେ ସମ୍ପୂର୍ଣ୍ଣ ଆହାର ପାଇଲେ କାରଣ ହରୁ ଭାତ ବ୍ରାହ୍ମଣ ଓ ଶୁଦ୍ର ପଙ୍କ୍ତିଙ୍କୁ ଦିଆଯାଉଥିଲା ଓ କଙ୍ଗାଳମାନେ କେବଳ ମୁଠିଏ ଭାତ କି ଞ୍ଚିପାଣି ସହିତ ଖାଇବାକୁ ପାଉଥିଲେ ଜମିଦାରର ଲୋକ ଅଧିକ ଭାର ଆପଣା ହାତରେ ନେଇ ଅନ୍ନଛତ୍ର ଗୃଭଲରୁ ଦଶ ପନ୍ଦରଜଣ ବ୍ରାହ୍ମଣଙ୍କୁ ଜଣକେ ପ୍ରତିଦିନ ୧ ସେର ଦାନ କରନ୍ତି । ଏମାନେ ଦେଉଳ ସଂଜନ୍ତି ଲୋକ ମହନ୍ତ ନାମରେଖାତ ଅଛନ୍ତି ଗରିବମାନେ ଏରୂପ ନଷ୍ଟର ପ୍ରହାର ପାଆନ୍ତି ଯେ ସେଠାକୁ

Digitized by srujanika@gmail.com

Split by PDF Splitter



ଯିବାକୁ ଭୟ କରନ୍ତି । କେତେକ ନୋଳ ବେଙ୍ଗର ଚିହ୍ନ ଅମ୍ଭଙ୍କୁ ଦେଖାଇଲେ ଓ ଜମିଦାର ଲୋକମାନଙ୍କର ଅନେକ ନିନ୍ଦା କଲେ ଏସ୍ଥାନର ମୋହରରର ଜଣେ ପକ୍‌କାଗ୍ଭେର ଥିବାର ବୋଧହୁଏ ତାହା ସକାଶେ ବାବୁ ରଘୁନାଥ ଚଉଧୁରୀ ବିଶେଷ ସୁପାରିସ କରିଥିଲେ । ତାକୁ ମାଯୁଲ କରିବାର ଉଚିତ ଯଦ୍ୟପି ତାହାର ବିଶ୍ୱାସ ଘାତକତାର ବିଷୟ ହେବାର କଠିଣ ହୁଏ ମାତ୍ର ତାହାର ଦୋଷ ବିଷୟରେ ଆମ୍ଭର ବିଶ୍ୱାସ ହେଉଅଛି । ଗ୍ଭଉଳ ବିକିଠାରେ ବହୁତ ଗୋଲମାଲ । ଏ ଗ୍ରାମର ଲୋକମାନେ କମ୍ପା କଚେରିରେଥିବା ଲୋକଙ୍କ ବନ୍ଧୁ ବା ପଣ୍ଡିତ ଲୋକ ଜଣକେ ୫୦୪ ଅଣା ଠାରୁ ଟଙ୍କାର ଗ୍ଭଉଳ ପାଆନ୍ତି । ଗୋଲମାଲ ନିବାରଣ ସକାଶେ ବାତ୍ୟାତ୍ରାଣ ନିମନ୍ତେ କହିବାରୁ ଜମିଦାରର ଖଜା ଅଙ୍ଗୀକାର କରିବେ ନାହିଁ ବୋଲି ଆମ୍ଭଙ୍କୁ ଜଣାଇଲେ ଯେଉଁଠାରେ ଭାତରନ୍ଧାଯାଏ ଓ ବଣ୍ଟାହୁଏ ସେ ଉପଯୁକ୍ତ ସ୍ଥାନ ନୁହେଁ । ଗ୍ରାମର ପ୍ରାନ୍ତରେ କରିବାର ଉଚିତ ଥିଲା । ମାତ୍ର ଯେଉଁଠାରେ ଏମାନ ହେଉ ଅଛି ସେ ଘରକୁ ଆମ୍ଭେ ଯାଇପାରିଲୁ ନାହିଁ । କାରଣ ସେଠାରେ ଠାକୁର ଥିଲେ ।

ପୁଲିସ ଏଠାରେ କେବେ ହାଜର ହୁଅନ୍ତି ନାହିଁ ଅତିପ୍ରାତଃ କାଳଠାରୁ ଏ ପର୍ଯ୍ୟନ୍ତ ମୋହରରକୁ ତଲବ କରୁ କରୁ ତାହାଠାରୁ ହେସାବର ବନ୍ଦମାନ ଓ ଗ୍ଭଉଳର ମଉଜୁଦ ବାକି ଠିକ ପାଇଲୁ ନାହିଁ, ଆମ୍ଭେ ଆଉ ଏକ ଘଣ୍ଟାରେ ମାଛଗାଁକୁ ରୱାନା ହେବୁଁ ।

ଦସ୍ତଖତ—ହାରିସ୍ ସାହେବ ।

---

## କଟକସ୍ଥ ସାହାଯ୍ୟ କମିଟୀ

କଟକ ସାହାଯ୍ୟ କମିଟିଙ୍କ ଚଳିତ ମାସ ତା ୭ ରିଖରେ ସ୍ଥିର ହୋଇଅଛି ଯେ ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିମାନଙ୍କୁ ଏକେଟଙ୍କାରେ ଭଜା ଗ୍ଭଉଳ ସେ୧୦ର ଓ ଧାନୁଆ ଗ୍ଭଉଳ ସେ୧୧ର ଲେଖାଏଁ ବିକି ହେବ ମେମ୍ବରମାନଙ୍କ ମଧ୍ୟରେ ବିବାଦ ହେବାରୁ ଆଉ କିଛି କର୍ମ ହୋଇ ପାରିନାହିଁ । ଏ ବିବାଦରେ କାହାର କି ଯାଏ କେବଳ ଦୁଃଖୀ ଲୋକମାନଙ୍କର ଅନିଷ୍ଟ ହେଉ ଅଛି । ଐକ୍ୟଥିଲେ ଯେତେ କର୍ମ ହୁଅନ୍ତା ଓ ସୁସ୍ଥିର ମନରେ ଥାଇ ସମସ୍ତେ ମିଳି ଦୁଃଖ ବିମୋଚନ ନିମନ୍ତେ ଯେ ଯେଉଁପାୟ ଚିନ୍ତାକରି ପାରନ୍ତେ ଅନୈକ୍ୟ ହେତୁରୁ ତାହା ହୋଇ ପାରୁନାହିଁ ।

Digitized by srujanika@gmail.com

Split by PDF Splitter



ଏଥିରେ ମେମ୍ବରମାନେ କି କରିବେ । ଯାହାକୁ ବିଧାତା ବିପକ୍ଷ ତାହା ଉପରେ ସବୁ ଆଡ଼ୁ ବିପତ୍ତିପଡ଼େ ଓ ମନୁଷ୍ୟ ତାକୁ ନିବାରଣ କରିପାରେ ନାହିଁ ।

ଏ ସମ୍ବାଦର ବିବାଦର କାରଣ ଏହି ଯେ ଅନ୍ନଛତ୍ର ଇତ୍ୟାଦି ସନ୍ଦର୍ଶନ କରି କମିସ୍ନର ସାହେବ ବୋର୍ଡ଼କୁ ଯେଉଁ ରିପୋର୍ଟ କରିଥିଲେ ତାହାର ନକଲ କଲେକ୍ଟର ସାହେବଙ୍କ ନିକଟକୁ ପଠାଇଥିଲେ । ଏଥିର ମର୍ମରୁ ପୁଲିସ, କଲୁ'ଡ଼ର, ଡାକ୍ତର ଓ କଲେକ୍ଟର ସାହେବଙ୍କ ପ୍ରତି ଇଙ୍ଗିତ କ୍ରମେ ଦୋଷାରୋପ ହୋଇଅଛି । କମିସ୍ନର ସାହେବଙ୍କ ଇଚ୍ଛାମତେ ଏ ପତ୍ର ସଭାରେ ପାଠ ହୁଅନ୍ତେ ଅପରାପର ମେମ୍ବରମାନେ ସ୍ତବ୍ଧ ହେଲେ । ଆମ୍ଭେ ଯେତେଦୂର ଜାଣୁ କଲେକ୍ଟର ସାହେବଙ୍କର କେବଳ ଏହି ଦୋଷ ହୋଇପାରେ ଯେ ସେ ଭ୍ରମଣ କରି ସ୍ୱଚକ୍ଷୁରେ କଟକସ୍ଥ ଅନ୍ନଛତ୍ରମାନଙ୍କୁ ଦେଖୁନାହାନ୍ତି । ମାତ୍ର ସେ କି କରିବେ ବୋଧହୁଏ ଅବସର ପାଉ ନଥିବେ । କଲେକ୍ଟର ସାହେବ ଆଜିକାଲି କଠିଣ ପରିଶ୍ରମ କରୁଅଛନ୍ତି । ନିୟମିତ କେରାଣୀ ଓ ଅମଲା ବ୍ୟତିରେକେ ତଣ୍ଡୁଳ ବିକ୍ରୟ ସମ୍ପର୍କୀୟ କାଗଜ ଇତ୍ୟାଦି ଲେଖାଲେଖି ସକାଶେ ତାଙ୍କ ନିକଟରେ ଆଉ କେହି ନାହାନ୍ତି । ତାହାଙ୍କ ସହକାରୀ ହାକିମମାନଙ୍କଠାରେ ଅନେକ କର୍ମ ଥିବାରୁ ସେମାନେ ଚାଉଳ ସମ୍ପର୍କୀୟ ସମସ୍ତ କର୍ମ କରି ନ ପାରିବା ଯୋଗୁଁ ସେ ସ୍ୱହସ୍ତରେ ଚିଠି ଚିଟି ହିସାବ ଇତ୍ୟାଦି ଲେଖନ୍ତି । ଏତେ ପରିଶ୍ରମ କଲେହେଁ କମିସ୍ନର ସାହେବ ଯେ ତାଙ୍କର ଦୋଷ ଦେଇଅଛନ୍ତି ଏଥିରେ ତାଙ୍କର ଅନେକ ଦୁଃଖ ହୋଇପାରେ ଓ ସେ ଭଗ୍ନୋତ୍ସାହ ହୋଇପାରନ୍ତି । କେବଳ ଚାଉଳ ସମ୍ପର୍କୀୟ ବିଷୟରେ ସହକାରିତା କରିବା ନିମନ୍ତେ ଗବର୍ଣ୍ଣମେଣ୍ଟ କର୍ତ୍ତୃକ ସାହେବଙ୍କୁ ଏଠାକୁ ପ୍ରେରଣ କରିଅଛନ୍ତି । କିରୂପେ ଏଠାରେ ଚାଉଳ ସୁଚାରୁରୂପେ ବିକ୍ରୟ ହେବ କିରୂପେ ଏଠାରେ ଗୋଦାମ ନିରୂପଣ କରାଯିବ । କିରୂପେ ଜାହାଜରୁ ଚାଉଳ ନେଇ କଟକ ନଗରପଥରେ ଓ ହଟ୍ଟରେ ଅଣାଯିବ ଓ କିରୂପେ ଏମାନଙ୍କର ସବୁ ହିସାବ ଲେଖାଯିବ ଏହିସବୁ କର୍ମରେ ତାଙ୍କର ସାହାଯ୍ୟ କରିବାର ବିହିତ ଥିଲା । ତାହା ହୋଇଥିଲେ କଲେକ୍ଟର ସାହେବଙ୍କର ସମୁଦାୟ କର୍ମରେ ତତ୍ତ୍ୱାବଧାରଣ କରିବାକୁ ସମସ୍ତ ହୁଅନ୍ତା । କିନ୍ତୁ ଏ ରୂପ ନ କରି ଉକ୍ତ ସାହେବଙ୍କୁ ଉକ୍ତ କର୍ମରେ ଅସିଷ୍ଟାଣ୍ଟ ଓ ରିଲିଫ କମିଟିର ମେନେଜର ଏ ଦୁଇ କର୍ମର ଗୁରୁତର ଭାର ଅର୍ପିତ ହୋଇଥିବାରୁ ସେ କୌଣସି କର୍ମ ସୁଚାରୁରୂପେ ସମ୍ପନ୍ନ କରିପାରୁନାହାନ୍ତି । ବର୍ତ୍ତମାନ ଉକ୍ତ ସାହେବଙ୍କଠାରେ ଦୁଇ କର୍ମଥିବାରୁ ସେ ମଫସଲ ଗଲେ କଟକସ୍ଥ ଅନ୍ନଛତ୍ର ନ ଉଚିତ ମତେ ଚଳେନାହିଁ । ଅତଏବ କମିଟି କର୍ତ୍ତୃକ ଜଣେ ମେନେଜର ଅତନ୍ତ୍ର ଶୀଘ୍ର ନିଯୁକ୍ତ କରିବା ଆବଶ୍ୟକ । ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର

Digitized by srujanika@gmail.com

Split by PDF Splitter


ବଣ୍ଡ ସାହେବ ଅଥବା ମେକମିଲନ ସାହେବଙ୍କୁ ଏ କର୍ମରେ ନିଯୁକ୍ତ କଲେ ଭଲ ହୁଅନ୍ତା ।

କଟକସ୍ଥ ଅନୁଛତ୍ରମାନ ଉତ୍ତମରୂପେ ଚଳାଇବା ସକାଶେ ଆଉ ଏକ ଉପାୟ ଅଛି । ଯଦି ଭିନ୍ନ ଭିନ୍ନ ଅନୁଛତ୍ର ନିକଟରେ ବାସ କରୁଥିବା ଭଦ୍ରଲୋକେ ସେହି ସେହି ଅନୁଛତ୍ର ତତ୍ତ୍ୱାବଧାରଣ ନିମନ୍ତେ ନିଯୁକ୍ତ ହେବେ ତେବେ ସବୁ କର୍ମ ଉତ୍ତମ ରୂପେ ଚଳିବ । କମିଟି କର୍ତ୍ତୃକ ନିଯୁକ୍ତ ହେଲେ ବୋଧହୁଏ ଭଦ୍ରଲୋକମାନେ ଅର୍ପିତଭାରର ଆହ୍ଲାଦ ପୂର୍ବକ ଗ୍ରହଣ କରିବାକୁ ବିମୁଖ ହେବେନାହିଁ । ଆମ୍ଭେମାନେ ଭରସା କରୁଁ କମିଟି ମେମ୍ବରମାନଙ୍କ ମଧ୍ୟରେ ଆଉ କଦାଚ ଏପରି ବିବାଦ ହେବନାହିଁ ।

---

## ସାପ୍ତାହିକ ସମ୍ବାଦ

ଯଶୋହରର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଚେମ୍ବର୍ସ ସାହେବ ଯେ କି ଏକ ସବ୍‌ଇନସପେକ୍ଟରକୁ ପ୍ରହାର କରିଥିଲେ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ତାଙ୍କ ଉପରେ ଏହି ହୁକୁମ ଦେଇଅଛନ୍ତି :—

ଲେଫ୍‌ଟେନେଣ୍ଟ ଗଭର୍ଣ୍ଣରଙ୍କ ବିବେଚନାରେ ଲେଫ୍‌ଟେନେଣ୍ଟ ଚେମ୍ବର୍ସ ସାହେବ ସବ୍‌ଇନସପେକ୍ଟରକୁ ମାରିଥିବା ଓ ନ୍ୟୂନ ପଦସ୍ଥ କରିଥିବାର ଅତି ଅପ୍ରଶଂସନୀୟ କର୍ମ ହୋଇଅଛି । ଅଧସ୍ଥ ପୁଲିସ କର୍ମଚାରୀଙ୍କ କୌଣସି ଦୋଷ ଏ ପ୍ରକାର ଗୁରୁତର ଜ୍ଞାନ ହୋଇପାରେନାହିଁ ଯେ ସେହେତୁ କ୍ରୋଧରେ ତାକୁ ଶାରୀରିକ ଆଘାତ କଲେ ତାହା କ୍ଷମାର ଯୋଗ୍ୟ ହେବ ଯଦି ଚେମ୍ବର୍ସ ସାହେବ ଉତ୍ତମ ପୁଲିସ କର୍ମଚାରୀ ହୋଇ ନଥାନ୍ତେ ଓ ଯଦି ତାଙ୍କର ଏ ମନ୍ଦ କର୍ମ ନିମନ୍ତେ ସେ ଦୁଃଖ ପ୍ରକାଶ କରିନଥାନ୍ତେ ତେବେ ଲେଫ୍‌ଟେନେଣ୍ଟ ଗଭର୍ଣ୍ଣର ସାହେବ ତାଙ୍କୁ କଠିଣ ଦଣ୍ଡ ଦେବାର ଆବଶ୍ୟକ ବୋଧ କରନ୍ତେ । ମାତ୍ର ଉପରି ଲିଖିତ ବିଷୟମାନ ଓ ତାଙ୍କ ନାମରେ ଫଉଜଦାରୀ ଅଦାଲତରେ ମକଦ୍ଦମା ହୋଇ ତାଙ୍କୁ ଜରିମାନା ହୋଇଥିବାରୁ ତାଙ୍କର ଯଥୋଚିତ ଅପମାନ ହୋଇଥିବାର ବିବେଚନା ଅନେକ କାଳ ଉତ୍ତମ ଆଚରଣ ନ ଦେଖାଇବା ପର୍ଯ୍ୟନ୍ତ ତାଙ୍କ ପଦ ବୃଦ୍ଧି ସ୍ଥଗିତ ରଖି ତାଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି କଲେ ଲେଫଟେନେଣ୍ଟ ଗଭର୍ଣ୍ଣରଙ୍କ ଜାଣିବାରେ ଯଥେଷ୍ଟ ଦଣ୍ଡ ହେବ । ଯେଉଁ ପୁଲିସ କର୍ମଚାରୀ ଆପଣା

Digitized by srujanika@gmail.com

Split by PDF Splitter



ଶତ୍ରୁ ଦମନ କରି ନ ପାରନ୍ତି ସେ ପୁଲିସ କର୍ମର ଅଯୋଗ୍ୟ ଅଟନ୍ତି । ଯଦି ଚେମ୍ବର୍ସ ସାହେବ ପୁନର୍ବାର ଏ ପ୍ରକାର କରନ୍ତି ତେବେ ସମୁଚିତ ଫଳ ପାଇବେ ।

ହିନ୍ଦୁ ପେଟ୍ରିଅଟ ପତ୍ରିକାର ହଜାରିବାଗର ସମ୍ବାଦଦାତା ଲେଖନ୍ତି ଯେ ସେ ସ୍ଥାନରେ ଓଲାଉଠା ଅତ୍ୟନ୍ତ ପ୍ରବଳ ହେବାରୁ ଡିପୋଟୀକମିସନରଙ୍କ କଚେରି ବନ୍ଦ ହୋଇ ବଙ୍ଗାଳି ଆମଲାମାନେ ଆପଣା ଆପଣା ଗୃହକୁ ପଳାଇ ଅଛନ୍ତି । ଇଉରୋପୀୟମାନେ ସୁଦ୍ଧା ଉକ୍ତରୋଗରୁ ମୁକ୍ତ ନାହାନ୍ତି । ଓଡ଼ିଶା ଓ ମେଦିନୀପୁରରୁ ଯେଉଁ ଦୁର୍ଭିକ୍ଷପୀଡ଼ିତ ଲୋକମାନେ କଲିକତା ଯାଉଅଛନ୍ତି ସେମାନଙ୍କ ସାହାଯ୍ୟାର୍ଥେ ଓ ଲବାଡ଼ିଆ ଠାରେ ଉତ୍ତମ ଆୟୋଜନ ହୋଇଅଛି ।

ହିନ୍ଦୁ ପେଟ୍ରିୟଟ ପତ୍ରିକାରୁ ଜ୍ଞାତ ହେଲୁଁ ଯେ ଆଫ୍ରିକା ଦେଶ ନିକଟରେ ହା ୧୮୬୦ ରେ ଏକ ସର୍ପ ଗୋଟାଏ ଜାହାଜକୁ ଆକ୍ରମଣ କରିଥିଲା ।

ଏଥିପୂର୍ବେ ଖୋରଧାର ଅସିଷ୍ଟାଣ୍ଟ କଲେକ୍ଟର ଶ୍ରୀଯୁକ୍ତ ବାର୍ଣ୍ଣେଟସାହେବଙ୍କ ନାମରେ ଜଣେ ସ୍ତ୍ରୀ ଖୋରାକ ପୋଷାକ ଦାବୀରେ ନାଲିସ କରିଥିଲା । ତାହାର ଗୋଟିଏ ଦୁହିତା ଅଛି । ବୟସ ପ୍ରାୟ ଦେଢ଼ବର୍ଷ ଗୌରବର୍ଣ୍ଣ ଓ ସର୍ବାଙ୍ଗ ଏରୂପ ଇଂରାଜ ସନ୍ତାନପରି ହୋଇଅଛି ଯେ ସମସ୍ତେ ତାହାକୁ ବିଲାତି ଲୋକ ଔରସ ଜାତ କହୁ ଅଛନ୍ତି । ଓ କେହି କେହି ଉକ୍ତ ଶିଶୁର ଆକୃତି ବାର୍ଣ୍ଣେଟ ସାହେବଙ୍କ ସଙ୍ଗେ ଐକ୍ୟ ଥିବାର ଅନୁମାନ କରିବାକୁ ସୁଦ୍ଧା ତ୍ରୁଟି କରି ନାହାନ୍ତି । ସେ ସ୍ତ୍ରୀ କହେ ଯେ ବାର୍ଣ୍ଣେଟ ସାହେବ ତାକୁ ତାହାର ପ୍ରଥମାବସ୍ଥାରୁ ରଖାଇ ସ୍ତ୍ରୀପରି ରଖି ଥିଲେ ଓ ଉକ୍ତ ଦୁହିତା ତାଙ୍କ ଔରସରୁ ଜାତ ହୋଇଅଛି । ଏ ମକଦ୍ଦମା ତଦାରଖରେ ଶ୍ରୀଯୁତ ଟେଲରସାହେବ ଡିପୋଟୀ ମେଜିଷ୍ଟର ଅନେକ ଅନୁସନ୍ଧାନ କଲେ ମାତ୍ର ସ୍ୱୟଂ ବାର୍ଣ୍ଣେଟ ସାହେବ ଉକ୍ତ ସ୍ତ୍ରୀକୁ ନ ଚିହ୍ନୁଥିବାର ଓ ତାହାର ଇତିହାସ ସମସ୍ତ ପ୍ରସଙ୍ଗରେ ଅଜ୍ଞାତ ଥିବାର ହଲଫ କରି କହିବାରୁ ଓ ଉତ୍ତମ ପ୍ରମାଣ ପାଇବା ନ ଯିବାରୁ ମକଦ୍ଦମା ଡିସମିସ ହୋଇଗଲା ।

ଜୋଧ୍ୟାଲୟସ୍ଥିତ ସମ୍ବାଦଦାତା ଏଡ୍‌କେଶନ ଗେଜେଟର ସମ୍ପାଦକଙ୍କୁ ଲେଖିଅଛନ୍ତି ଯେ ସେଠାରେ ଗୋଟାଏ ଗାଭିର ଗର୍ଭରୁ ଆଶ୍ଚର୍ଯ୍ୟରୂପ ଗୋଟିଏ ବାଛୁରି ଜାତ ହୋଇଅଛି । ସେ ବାଛୁରିଟିର ଛଅଗୋଟା ଗୋଡ଼ ଏବଂ ସ୍ତ୍ରୀଅଙ୍ଗ ପୁରୁଷଙ୍ଗ ଉଭୟ ଅଙ୍ଗ ଅଛି । ସମ୍ବାଦଦାତା ଲେଖିବା ଦିନକୁ ଉକ୍ତ ବାଛୁରି ୧୦।୧୨ ଦିନ ହେବ ଜନ୍ମ ହୋଇଥିଲା ଓ ସେ ପର୍ଯ୍ୟନ୍ତ ଜୀବିତାବସ୍ଥାରେ ଥିଲା ।

ଉକ୍ତ ସମ୍ବାଦଦାତା ଲେଖନ୍ତି ପୂର୍ବେ ଯେ ଚାଉଳ ଦଶସେର ଲେଖାଏ ବିକ୍ରୟ ହେଉଥିଲା ବର୍ତ୍ତମାନ ସେ ୧୪ର ଲେଖାଏ ପ୍ରାପ୍ତ ହେଉଅଛି । ଉତ୍ତଶ୍ୟାରେ ଏ ପ୍ରକାରନେବେ ହେବ ।

Digitized by srujanika@gmail.com

କଲିକତା ଗବର୍ଣ୍ଣମେଣ୍ଟ ସଂସ୍କୃତ କଲେଜରେ ସରକାର ମାସକୁମାସ ଆଉ ୫୫୦୦ଙ୍କା ବ୍ୟୟ କରିବାକୁ ଅଙ୍ଗୀକାର କରିଅଛନ୍ତି ।

ଇଙ୍ଗିସମ୍ୟାନ ପତ୍ରିକାରେ ଲେଖନ୍ତି ଯେ ଓଲଉଠା ରୋଗ ଆରମ୍ଭ ହୋଇଅଛି । ଇଙ୍ଗରେଜି ଔଷଧ ମଫସଲରେ ଦୁଷ୍ପ୍ରାପ୍ୟ ହେତୁରୁ ବାଟକୁ ତାର ପୁଲିସ ଜିମ୍ମା ହେ । ପୁରୁଣା ପୁଲିସ ସମୟରେ ଏ ଔଷଧ କିଛି କର୍ମରେ ଲାଗୁଥିଲା ନାହିଁ, ପୁଲିସକୁ ଘୁଣ୍ଟାଇବା ହେତୁ ସେଠାକୁ ନ ଯିବାରୁ ଔଷଧ ଅକର୍ମନ୍ୟ ହୋଇ ପୁଲିସ ଘରେ ପଡ଼ିଯାଏ । ଅତଏବ ଏଥର ଉକ୍ତ ଔଷଧ ମଫସଲ ସ୍କୁଲ ମାନଙ୍କ ମେନେଜର ଓ ସରକାରୀ ତହସିଲ ଦାର ଓ ନାଏବ ମାନଙ୍କ ହସ୍ତେ ରଖାଇଲେ ଉତ୍ତମ ହେବ । ଔଷଧ ତାଙ୍କ ଜିମ୍ମା ଥିଲେ ଅନେକ ଲୋକର କର୍ମରେ ଆସେ ।

ଆମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁ ଅଛୁଁ ଯେ ପୁରୀଜିଲା ସ୍କୁଲର ଦ୍ୱିତୀୟ ଶିକ୍ଷକ ବାବୁ ପ୍ରାଣକାନ୍ତ ଚକ୍ରବର୍ତ୍ତୀଙ୍କ କୃତ ଦୁର୍ଭିକ୍ଷ ବିବରଣ ବିଷୟରେ ଏକ ଖଣ୍ଡ ପୁସ୍ତକ ଅମ୍ଭେମାନେ ପ୍ରାପ୍ତ ହୋଇ ଅଛୁଁ । ଏପୁସ୍ତକ କଲିକତା କାସିଘୋଷଗଲି ନମ୍ବର ଗୃହରେ କିମ୍ବା କଟକରେ ଗ୍ରନ୍ଥକର୍ତ୍ତାଙ୍କ ନିକଟରେ ପ୍ରାପ୍ତ ହେବ ।

ଗତମାସ ତା ୬ ରିଖରେ ଜଗତସିଂହପୁର ଥାନା ଇଲାକାରେ ଗୋଟିଏ ଖୁନ୍ ହୋଇଅଛି । ଅନ୍ଧନା ନାମକ ଜଣେ ୧୨ ବର୍ଷ ପିଲା ଚରାଇ ଗୋରୁଙ୍କର ତସ୍ୱାର ବିଆଳି କ୍ଷେତରୁ ଧାନ ଖୋଉଥିଲାକ ଏମନ୍ତ ସମୟରେ ଉକ୍ତ କ୍ଷେତ୍ର ସ୍ୱାମୀ ଯାଇ ଲାଉଡ଼ି ଡାହାଣେ ସେ ବାଳକକୁ ଏକ ଗୋଇଠା ଓ କିଧା ମାରିବାରୁ ସେ ତତ୍କ୍ଷଣାତ ମରିଗଲା । ଆସାମି ଧୃତ ହୋଇ ସ୍ୱୟଂ ମେଜଷ୍ଟର ସାହେବଙ୍କ ବିଚାରାଧିନରେ ଅଛି । ଦୁର୍ଭିକ୍ଷ ହେତୁରୁ ଯେ କେତେ ପ୍ରାନ୍ତରେ ଲୋକ ନାଶ ହେଉ ଅଛନ୍ତି ତାହାମାନଙ୍କ ବୃଦ୍ଧିର ଅନୁସାରେ ଉଠିଗଲା ।

---

## ପ୍ରେରିତ ପତ୍ର

ମାନ୍ୟାସ୍ପଦର୍ଶୀଲ ଶ୍ରୀଯୁତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ
ସାନୁକମ୍ପ ନିବେଦନଂ— ସମୀପେଷୁ

ସମ୍ପାଦକ ମହାଶୟ ! କିଛି ଦିନଗତ ହେଲା କେତେକ ଜଣ କୁଳି ସହର ମଧ୍ୟରେ ଏକଣିତକ ବାନ୍ଧିଥିଲେ ।

Split by PDF Splitter



ବାଗନ ମିସ୍ତର ଫେରନ ସାହେବ ସେମାନଙ୍କ ମଧ୍ୟରୁ ଜଣେ କୁଲିକୁ କର୍ମରେ ଅମନଯୋଗୀ ଦେଖି ଅତ୍ୟନ୍ତ କ୍ରୋଧାବିଷ୍ଟ ହୋଇ ହସ୍ତସ୍ଥିତ ଯଷ୍ଟିଦ୍ୱାରା କଡାରୁଣ ରୂପେ ପ୍ରହାର କରିବାରୁ ପ୍ରହାରିତ ଦରିଦ୍ରକୁଲି ତତ୍କ୍ଷଣାତ୍ ଭୂମିରେ ପଡ଼ି ପ୍ରାଣତ୍ୟାଗ କଲା ।

ଏହି ମକଦ୍ଦମା ଅଜଣ୍ଟ ମାଜିଷ୍ଟ୍ରେଟ ସାହେବଙ୍କଠାରେ ଉପସ୍ଥିତ ହେଲେ ସେ ବିଚାର କରି ଫେରନ ସାହେବଙ୍କୁ ନିର୍ଦ୍ଦୋଷୀ ବୋଲି ଫଇସଲ ଦେଇଅଛନ୍ତି । ମାଳହନ୍ତା ଫେରନ ସାହେବ ପ୍ରହାର କରି ଅଛନ୍ତି ବୋଲି ସ୍ୱୀକାର କରନ୍ତି । ଶୁଣିଲୁ ଡାକ୍ତର ସାହେବ ସୁଦ୍ଧା ଶବ ଦେଖି ପ୍ରହାର ଦ୍ୱାରା ମୃତ୍ୟୁ ହୋଇଅଛି ବୋଲି ସାର୍ଟିଫିକେଟ ଦେଇଥିଲେ । ତଥାପି କି ବିଚାରରେ ଫାରେନ୍ ସାହେବ ନିର୍ଦ୍ଦୋଷୀ ହେଲେ କହିବାକୁ ନ ପାରୁଁ । ଆମ୍ଭେ ବୋଧ କରୁଁ ଏ ମରହଟ୍ଟୀ ବିଚାର । ଉଡ଼ିଶ୍ୟାରେ କମିସ୍ନର ସାହେବ ଦେଖନ୍ତୁ ବାଲେଶ୍ୱରର ମେଜେଷ୍ଟର ସାହେବ କେମନ୍ତ ବିଚାରକ । ଇତି ।

ବାଲେଶ୍ୱର
ତାଂ ୨୪ ମାହେ ଅଗଷ୍ଟ
ସନ ୧୮୭୭ ମସିହା

ବଶମ୍ବଦ
ଶ୍ରୀ ଅନାମ ଦାସ

---

ପତ୍ରିକାର ମୂଲ୍ୟପ୍ରାପ୍ତି ସମ୍ବାଦ ।

ଶ୍ରୀଯୁକ୍ତ ରେବରଣ୍ଡ ଡବଲ୍ ଉମିଲର ସାହେବ— ଟ ୬

---

## ଉତ୍କଳ ଦୀପିକାର ମୂଲ୍ୟ

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫ ଙ୍କା

ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ ୭ ଙ୍କା

ଏ ସମ୍ବାଦ ସମ୍ପର୍କୀୟ ସମସ୍ତ ଚିଠୀପତ୍ର ଓ ଟଙ୍କା ଇତ୍ୟାଦି ଶ୍ରୀ ଗୌରୀଶଙ୍କର ରାୟ ମେନେଜରଙ୍କ ନିକଟକୁ ପଠାଇବାକୁ ହେବ ।

---

ସହର କଟକ ଆଲମଚାନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନିର ପଥର ଛାପାରେ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

---

## ଅତିରିକ୍ତ ପତ୍ର

ହେ ଜଗଦୀଶ୍ୱର ବିଶ୍ୱନାଥ, ହେ କରୁଣାସାଗର ଦୀନନାଥ, ହେ ଦାରିଦ୍ର୍ୟ ଦୁଃଖନାଶନ ଜଗନ୍ନାଥ, ଆପଣ କି ବାରମ୍ବାର ଅସ୍ମମାନଙ୍କର ନାନାବିଧ ଅପରାଧ ମାର୍ଜନା କରିବାରେ ମଧ୍ୟ ଆମ୍ଭେମାନେ ପୁନଃ ପୁନଃ ତତୋଧିକ ଦୁଷ୍କର୍ମାନ୍ୱିତ ହେବାରୁ ଏଥର ଆଉ ଅସ୍ମମାନଙ୍କର ଅପରାଧ କ୍ଷମା କରିବା ନିମିତ୍ତ ପ୍ରତିଜ୍ଞା କରି

Digitized by srujanika@gmail.com

Split by PDF Splitter



ମହାକାଳ ସ୍ୱରୂପ ଚଳିତ ସନ ୧୨୭୩ ସାଲକୁ ଶ୍ରୀ ଭବ୍ୟସିଂହଦେବ ମହାରାଜାଙ୍କ ଅବମାଙ୍କରେ ଏହି ଓଡ଼ିଶା ପ୍ରଦେଶରେ ଏକାବେଳକେ ଜନଶୂନ୍ୟ କରିବା ନିମନ୍ତେ ଜନ୍ମଦେବା ହୋଇଅଛନ୍ତି ଏବଂ ତାହାର ସାହାଯ୍ୟ ନିମନ୍ତେ ପୂର୍ବରୁ କେବଳ ମାତ୍ର ଏହି କଟକ ସହରରେ କେତେକ ଜଣ ଈଶ୍ୱରମାନଙ୍କୁ ଦଣ୍ଡିବାର ସ୍ୱରୂପ ସର୍ଜନା କରିବା ହୋଇଥିଲେ । ନଚେତ୍ ଏ ଉତ୍କଳ ଦେଶରେ ପୂର୍ବେ ଏହିପରି ଜଳାଭାବ ଅଥବା ଜଳ ପ୍ଳାବନ ଦ୍ୱାରା ୨୪ ଅଙ୍କ ଓ ୨୮ ଅଙ୍କମାନଙ୍କରେ ଶସ୍ୟ ଅନୁତ୍ପନ୍ନ ପ୍ରଯୁକ୍ତ ଯେଉଁ ଦୁର୍ଭିକ୍ଷ କାଳ ସମ୍ବନ୍ଧ ଅସ୍ମମାନଙ୍କର ଆଳାପ ହୋଇଥିଲା ତହିଁରେ ଆପଣଙ୍କ କୃପାରୁ ଯେଉଁ ଦେଶରେ ଶସ୍ୟାଦିର ଭାଗ୍ୟ କଟକ ଓଜନ ସେରରୁ ନ୍ୟୂନ ହୋଇ ନଥିଲା । ଏବଂ ତାହା ମଧ୍ୟ ବର୍ଷର ଶେଷକୁ ଦୁଇଦିନ ମାତ୍ର ବିନା ଅଧିକ ଦିନ ଭୋଗ କରି ନଥିଲୁ ସେ ଦେଶରେ ଏ ବର୍ଷର ଆରମ୍ଭରେ ବର୍ଷା ଉତ୍ତରୁ ଧାନ୍ୟ ଫସଲ କ୍ଷେତାଦିରୁ ଅମଳ ନ ହେଉ ଏବଂ ଶୀତ ଋତୁର ଉତ୍ପନୋ-ପଯୁକ୍ତ ଶସ୍ୟାଦିର ବୀଜରୋପଣ ନ ହେଉ କାର୍ତ୍ତିକ ଦୀପାବଳି ଅମାବାସ୍ୟାଠାରୁ ଆଜିଦିନ ପର୍ଯ୍ୟନ୍ତ ସଚରାଚର ଶସ୍ୟାଦି ଅଦୃଶ୍ୟ ହୋଇ ତଦୁତ୍ତାରେ ଏତଦ୍ ଦେଶୀୟ ବିଜାତ ଶସ୍ୟ ସଞ୍ଚୟୀ ବ୍ରହ୍ମପୁତ୍ରଙ୍କ ପ୍ରମୁଖାତ୍ ସେରର ପରିମାଣରେ ଦୁର୍ମୂଲ୍ୟାଗ୍ନି ଜାତ ହୋଇ ସର୍ବତ୍ର ଦେଶରେ ପ୍ରଜ୍ୱଳିତ ପୂର୍ବକ ଏରୂପ ଶସ୍ୟାଦି ହତାଧ୍ୱଂସ କରନ୍ତା ଯେ ଅକସ୍ମାତ୍ ପୂର୍ବ ଭବିଷ୍ୟତ ବକ୍ତା ମହାପୁରୁଷମାନଙ୍କ ବାକ୍ୟାନୁଯାୟୀ କୌଣସି କୌଣସି ସ୍ଥାନରେ ଏକସେର ପର୍ଯ୍ୟନ୍ତ ପ୍ରାପ୍ତ ର ଦୁର୍ଲଭ ହୁଅନ୍ତା ଏବଂ ଅସ୍ମମାନଙ୍କ ଏ ଦେଶସ୍ଥ ଶାନ୍ତି ରକ୍ଷକ ଓ ଦୁଷ୍ଟ ସଂହାରକ କ୍ଷମତା ବିଶିଷ୍ଟ ଦଣ୍ଡଧରମାନେ ଏ ସହରରେ ନାନାଦି ଦୋକାନ ଓ ଗଞ୍ଜ ଓ ଗୋଦାମାଦିରେ ଶସ୍ୟାଦି ପରିପୂର୍ଣ୍ଣ ଥିବା ପ୍ରତ୍ୟକ୍ଷେ କେବଳ ମାତ୍ର ଏକ ରାତ୍ରିରେ ଅଜିଦିନ ପର୍ଯ୍ୟନ୍ତ ଅନ୍ତର୍ଦ୍ଧାନ ହୋଇ ତଦୁତ୍ତରେ କ୍ରମେ କ୍ରମେ ସେରର ପର୍ଯ୍ୟନ୍ତ ଦୁର୍ମୂଲ୍ୟ ହେବାର ସ୍ୱୟଂ ପ୍ରତ୍ୟକ୍ଷ ଓ ଅନୁଭବ କରିବାରେ ମଧ୍ୟ ଯେଉଁ ନ୍ୟାୟ ଦ୍ୱାରା ନିରଖ ପ୍ରତି ହସ୍ତକ୍ଷେପଣ କରିବାର ଅଶକ୍ତ ହୋଇ ଆପଣାକୁ ଆଇନର ଦାସ ଥିବାର କହି କ୍ଷାନ୍ତ ହେଲେ—ଏବଂ ଆଇନ ଯାହାଙ୍କ ହସ୍ତରେ ଜନ୍ମ ଓ ମୃତ୍ୟୁ ପ୍ରାପ୍ତ ହେଉଅଛି ଏପରି କ୍ଷମତାବାନ୍ ଯେ ଆମ୍ଭମାନଙ୍କର ମାନ୍ୟବର ଲେଫଟେନେଣ୍ଟ ଗବର୍ଣ୍ଣର ସେ ସ୍ୱୟଂ ଉପସ୍ଥିତ ଦୁର୍ଭିକ୍ଷାନଳର ଉଦୟ ସମୟରେ ଏ ଜିଲ୍ଲାକୁ ଶୁଭାଗମନ କରି ଆପଣାର ପ୍ରକାଶ ଦରବାର ଯେଉଁ ନିରଖ ପକ୍ଷରେ ମୁଖ୍ୟ ପ୍ରଚାରଣ କଲେ ତାଙ୍କୁ ଚୋର ଅଥବା ଦସ୍ୟୁମାନଙ୍କ ସମାନ ହେବାକୁ ପଣ୍ଡିବାର ବ୍ୟାଖ୍ୟା କରିବା ଦ୍ୱାରା ବୋଧ ଦେଇ ପ୍ରସ୍ଥାନ କଲେ ସେ ନିରଖର ତନ୍ମୟ ପ୍ରତି ଉପେକ୍ଷ ଆପଣା ମନଇଚ୍ଛା ସାମାନ୍ୟ ଦଣ୍ଡଦାତାମାନେ ନିବୃତ୍ତ କରନ୍ତେ ଏବଂ ତାଙ୍କୁ କୌଣସି କ୍ଷମତା ନଥିବା ପ୍ରତ୍ୟକ୍ଷେ ସ୍ୱୟଂ ଆପଣାକୁ ଦ୍ୱିତୀୟ ଦଣ୍ଡଧର ସ୍ୱରୂପ ଏ ସହରରେ ଶସ୍ୟାଦି ବିକ୍ରୟ ହେଉଥିବା ସ୍ଥାନାଦିରେ ଏକ ଏକ ଦଣ୍ଡ ଓ

Digitized by srujanika@gmail.com

ତସ୍କରୁ ଏବଂ ବଟଖଗ୍ରାମାନ ନେଇ କ୍ରେତା ଓ ବିକ୍ରେତାଙ୍କର ମଧ୍ୟସ୍ଥ ହୋଇ ଶସ୍ୟାଦିର ନିରଖ ଇଚ୍ଛାସ୍ତୁ କରି ଏବଂ ଓଜନ କରି ଦେଇ ଉଭୟ ପକ୍ଷଙ୍କୁ ସେହି ଓଜନ ଦ୍ୱାରା ତାଙ୍କର କ୍ଷତି କରିବାର ଭୟ ଦର୍ଶାଇ ବେପାରୀଙ୍କଠାରୁ ନଗଦ ପଇସା ଓ ଗ୍ରାହକଙ୍କଠାରୁ ପା ଓ ସମୁଦ୍ର ଜାମଦେୟ ପାଞ୍ଚ ସେରରେ ଏକପାଆ ଲେଖାଏ ଶସ୍ୟ ରସୁମ ସ୍ୱରୂପ ଅସୁଲ କରି ନିଅନ୍ତି ଏବଂ ସମ୍ପୂର୍ଣ୍ଣ ରୂପେ ଶସ୍ୟାଦିର ଆମଦାନି ହେଉଥିବା ସମୟରେ ତାହା ବିକ୍ରୟ ନ କରାଇ ବନ୍ଦ କରିଦେଇ ସର୍ବସାଧାରଣଙ୍କର କ୍ଳେଶ ଦାୟକ ହୁଅନ୍ତି ଏବଂ ଆମ୍ଭମାନଙ୍କ ରାଜେଶ୍ୱର ଆପଣାର ପ୍ରଜା ପ୍ରତିପାଳନ ଓ ଦାନ ବଦାନ୍ୟତା ଦ୍ୱାରା ଉପସ୍ଥିତ କାଳାନଳର ଶାନ୍ତି ନିମିତ୍ତ ନାନା ପ୍ରଦେଶରୁ ଅସଂଖ୍ୟ ଶସ୍ୟାଦି ଅଣାଇବା ଦ୍ୱାରା ଅକାତରରେ ଦାନ ଓ ବିକ୍ରୟାଦି କରିବା ଓ ଅନ୍ୟାନ୍ୟ ମହାଜନ ଓ ବେପାରୀମାନେ ମଧ୍ୟ ଦେଶ ବିଦେଶରୁ ଯଥେଷ୍ଟ ରୂପ ଶସ୍ୟାଦିର ଆମଦାନି ଓ ବିକ୍ରୟ କରିବା ବିଶେଷତଃ ନୂତନ ବିଆଳି ଧାନ କ୍ରମେ କ୍ରମେ ଅମଲ ହୋଇ ସହର ମଧ୍ୟରେ ବିକ୍ରୟାରମ୍ଭ ହେବା ପ୍ରତ୍ୟକ୍ଷେ ଅଦ୍ୟାପି ଶସ୍ୟାଦିର ଭାଉର ବୃଦ୍ଧି ସ୍ଥିର ହୋଇ ରହୁ ନପାରନ୍ତା ଏଥିର ମୂଳ କାରଣ ଆମ୍ଭମାନଙ୍କର କେନ୍ଦ୍ର ଦଣ୍ଡଧର ମାନେ ଅନ୍ୱେଷଣ ନ କରନ୍ତେ ଏହା କଦାପି ସମ୍ଭବର ଯୋଗ୍ୟ ନୁହେଁ କେବଳ ଆପଣଙ୍କ ଅଧୀନରେ ଆମ୍ଭେମାନେ ପତିତ ହୋଇଥିବାରୁ ଅନ୍ୟ କାହାରି କ୍ଷମତା ଓ ବିବେକତା କାର୍ଯ୍ୟରେ ଆସିବାକୁ ନାହିଁ, କିମ୍ବା ସେମାନଙ୍କ ଅନ୍ତଃକରଣରେ ଆମ୍ଭମାନଙ୍କର ଦୁର୍ଦ୍ଦଶାପ୍ରତି ଦୟାର ସଞ୍ଚାର ହେବାକୁ ନାହିଁ ମାତ୍ର ବର୍ତ୍ତମାନ ଆମ୍ଭେମାନେ ଶ୍ରବଣ କରି ଅଛୁ ଯେ ଏ ସହରର ବାସିନ୍ଦାମାନେ ଉକ୍ତ ଦଣ୍ଡିଦାରମାନଙ୍କ ଚଞ୍ଚଳତାରେ ଅତିଶୟ କ୍ଳେଶିତ ହୋଇ ସହ୍ୟ କରି ନ ପାରି ଏକ ଆବେଦନ ପତ୍ର ଆମ୍ଭମାନଙ୍କର କମିସ୍ନର ସାହେବଙ୍କ ସମୀପରେ ଆଗତ କରିଅଛନ୍ତି ଏବଂ ଦାନଦୟାଳୁ ଗୁଣ ବିଶିଷ୍ଟ ଶ୍ରୀଯୁକ୍ତ କମିସ୍ନର ସାହେବ ମଧ୍ୟ ଦଣ୍ଡିଦାରମାନଙ୍କର କୁକର୍ମ ଅନୁସନ୍ଧାନ ଦ୍ୱାରା ଅବଗତ ହୋଇ ଗବର୍ଣ୍ଣମେଣ୍ଟକୁ ଜଣାଇବା ଦ୍ୱାରା ସେମାନଙ୍କ ହସ୍ତରୁ ପ୍ରଜାମାନଙ୍କର ରକ୍ଷା ରକ୍ଷଣ ନିମିତ୍ତ କୌଣସି ପ୍ରତିକାର କରିବାର ଆଶ୍ୱାସନା ପ୍ରଦାନ କରି ଅଛନ୍ତି ଆମ୍ଭେମାନେ ଏହି ସମ୍ବନ୍ଧରେ ଏହା ପ୍ରଶ୍ନ କରୁଅଛୁଁ ଯେ ଦଣ୍ଡିଦାର ମାନେ ଯେ ରୂପ ଆଚରଣ କରୁଅଛନ୍ତି ତାହା କି ବେଆଇନ କାର୍ଯ୍ୟ ମଧ୍ୟରେ ଗଣନୀୟ ନୁହେଁ ଓ ବେଆଇନୀ କର୍ମ ନିମନ୍ତେ କି କୌଣସି ଆଇନର ଜନ୍ମ ଅଦ୍ୟାପି ହୋଇ ନାହିଁ ହୋଇ ନ ଥିଲେ ଯେଉଁ ଆଇନ କି ମନୋଭବ ଅଟେ ତାହାର ନୂତନ ଜନ୍ମ ହେବାର କି ପ୍ରତିବନ୍ଧକ ଅଛି ଯଦ୍ୟପି ଏଥିର କୌଣସି ଯଥେଷ୍ଟ ଉପାୟ କରା ନ ଯାଏ ତେବେ ଉତ୍ତର କାଳକୁ ମଧ୍ୟ ଏ ଦେଶର ଶସ୍ୟାଦିର ଭାଉ କଦାପି ଉକ୍ତ ଦଣ୍ଡିଦାରମାନଙ୍କ ଚଞ୍ଚଳତା ହେତୁରୁ ବୃଦ୍ଧି ନହେବାର ବିଶ୍ୱାସ ହେଉନାହିଁ ।

Split by PDF Splitter

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା

ଭାଗ ଶନିବାର ତା ୨୨ ରିଖ ମାହେ ସିପ୍ତମ୍ବର ସନ ୧୮୬୭ ମସିହା
ମୂତାବକ ଦିନ ଆଶ୍ୱିନ ସନ ୧୨୭୫ ସାଲ ଅଷ୍ଟମ ସଂଖ୍ୟା

## ବିଦେଶକୁ ଶସ୍ୟ ରପ୍ତାନି ଓ ତହିଁର ଫଳ

"ବାଣିଜ୍ୟେ ବସତେ ଲକ୍ଷ୍ମୀ" ବୋଧହୁଏ ବର୍ତ୍ତମାନ କାଳରେ ଏବଚନର ସତ୍ୟତା ପକ୍ଷରେ ଅତି ଅଳ୍ପ ଲୋକ ସନ୍ଦେହ କରୁଥିବେ । ପୁରାତନ କାଳରେ ଶାସ୍ତ୍ରମାନେ ଯାହା କହି ଅଛନ୍ତି ଅବଧି ତାହା ପ୍ରତ୍ୟକ୍ଷ ହେଉ ଅଛି ଏଥିରୁ ସପ୍ରମାଣ ହେଉ ଅଛି ଯେ ବାଣିଜ୍ୟ ଅର୍ଥୋପାର୍ଜନର ନିଶ୍ଚୟ ଉପାୟ । ବାସ୍ତବରେ ଗତ ବର୍ଷାବର୍ଷରେ ସମୁଦ୍ର ପଥରେ ଦେଶାନ୍ତରକୁ ଚାଉଳ ପଠାଯିବାରେ ଏ ଦେଶର ଯେରୂପ ଶ୍ରୀବୃଦ୍ଧି ହୋଇ ଅଛି ତାହା ମଫସଲ ଚାଷୀଙ୍କ ଅବସ୍ଥାରୁ ଅବଗତ ଥିବା ବ୍ୟକ୍ତିମାନଙ୍କୁ ଅବିଦିତ ନାହିଁ ପୂର୍ବରେ ଯେତେବେଳେ ୧ ଟଙ୍କାକୁ ୨ ମହଣ ଚାଉଳ ମିଳୁଥିଲା ସେତେବେଳେ ଚାଷୀମାନେ ସୁମାର ରୂପେ କର ଦେଇ ପାରୁ ନ ଥିବାରୁ ନାନା ପ୍ରକାର କଷ୍ଟ ଭୋଗ କରୁଥିଲେ ମାତ୍ର ଏବେଠାରେ ତାହାଙ୍କର ଅବସ୍ଥାର ଅନେକ ପରିବର୍ତ୍ତନ ହୋଇଅଛି । ଯାହାର ଚାରିକନା ଖଣ୍ଡେ ପରିଧାନ ମାତ୍ର ଥିଲା ତାହାର କାନ୍ଧରେ ବର୍ତ୍ତମାନ ନନ କଲଟର ଚାଦର ଅତି ଯତ୍ନରେ ସ୍ଥାପିତ ଥିବାର ଦେଖାଯାଏ ଓ ଯେ କୃଷକ ଅନେକ ଧାନ ଅମଳ କରୁଥିଲା ସେ ସୁଦ୍ଧା ଅର୍ଥବାନ ହୋଇ ଜମି ଦାରର ଅଳ୍ପମାତ୍ର ଅନ୍ୟାୟ ଦେଖିଲେ ତାହା ନିବାରଣ ସକାଶେ ଅତିକ୍ଷଣରେ ସଦରରେ ବହୁ ମକଦ୍ଦମାର ବ୍ୟୟମାନ ଚଳାଉ ଅଛି । ଏକ ଶସ୍ୟ ବେପାର ହେତୁରୁ ସଡ଼କ ପଥ ନିର୍ମାଣ ହେବାରୁ ସର୍ବସାଧାରଣଙ୍କର ଗମନାଗମନର ସୁଯୋଗ ହୋଇଅଛି । ଏବଂ ଏହି ବେପାର ହେତୁରୁ କେତେକେତେ ବ୍ୟବସାୟର ଆବଶ୍ୟକ ହେବାରୁ ତହିଁରେ ଅସଂଖ୍ୟ ପ୍ରାଣୀ ନିଯୁକ୍ତ ହୋଇ ଭରଣ ପୋଷଣ ହେଉ ଅଛନ୍ତି । ଏହି ରୂପେ ଆଲୋଚନା କରି ଦେଖିଲେ ସ୍ପଷ୍ଟ ପ୍ରତୀତ ହେବ ଯେ ବେପାରର ବୃଦ୍ଧି ହେବାରୁ ଦେଶସ୍ଥ ସମସ୍ତ ବ୍ୟବସାୟର ଉପଯୁକ୍ତ ରୂପ ଉନ୍ନତ ହୋଇ ଲୋକମାନେ କ୍ରମେ ଧନବାନ୍ ହେବାକୁ ଆରମ୍ଭ କରି ଅଛନ୍ତି । କେବଳ

Digitized by srujanika@gmail.com

Split by PDF Splitter



ଯେଉଁମାନେ ସରକାରୀଗୃହକର୍ମ କରୁ ଅଛନ୍ତି ସତ୍ୟ କିନ୍ତୁ ତାହାଙ୍କର ଅନ୍ନକଷ୍ଟ ହେବାର ସମ୍ଭାବନା, ମାତ୍ର ଏପରି ଲୋକର ସଂଖ୍ୟା ଅଳ୍ପ ଓ ତାହାଙ୍କ ସକାଶେ ସରକାରର ଉଚିତ ସେ ସମସ୍ତ ସମୟରେ ଖାଦ୍ୟ ସାମଗ୍ରୀର ମୂଲ୍ୟାନୁସାରେ ବେତନ ବୃଦ୍ଧି କରୁଥିବେ ।

ମାତ୍ର ଉପସ୍ଥିତ ଦୁର୍ଭିକ୍ଷ ଲୋକଙ୍କ ମନରେ ଏରୂପ ଏକ ସଂଶୟ ଜାତ କରିଅଛି ଯେ ଦେଶରୁ ଶସ୍ୟ ବାହାରି ଯିବାରୁ ଲୋକଙ୍କର ଏଦୁର୍ଦ୍ଦଶା ପଡ଼ିଅଛି ଓ କେତେ କେତେ ଲୋକ ସରକାର ଓ ଇଉରୋପ ଖଣ୍ଡବାସୀ ଅନ୍ୟଲୋକ ମଧ୍ୟରେ କିଛି ପ୍ରଭେଦ ନ ଥିବାର ଜ୍ଞାନ କରି ଏପର୍ଯ୍ୟନ୍ତ କହୁ ଅଛନ୍ତି କି ସରକାର ଆଗେ ଅଳ୍ପ ଧନ ଦେଇ ଏଦେଶରୁ ଶସ୍ୟ ଶୂନ୍ୟ କରି ଏଥିର ଟଙ୍କା ନେବାର ଉପାୟ ସ୍ୱରୂପ ଉକ୍ତ ଚାଉଳର କିୟଦଂଶ ଜାହାଜରେ ଆଣି ଦେଇଥିବା ଟଙ୍କା ଆଠଗୁଣ କରି ନେଯାଉ ଅଛନ୍ତି । ଏକଥା ଅତ୍ୟନ୍ତ ଅସଙ୍ଗତ ଓ ହାସ୍ୟାସ୍ପଦ ଥିଲେହେଁ ଶସ୍ୟ ରପ୍ତାନି ପକ୍ଷରେ ଲୋକଙ୍କ କି ଅଭିପ୍ରାୟ ତାହା ସ୍ପଷ୍ଟରୂପେ ଏଥିରୁ ଉପଲବ୍ଧି ହେଉଅଛି ।

ମାତ୍ର ଆମ୍ଭମାନଙ୍କର ବିବେଚନାରେ ରପ୍ତାନି ସଙ୍ଗରେ ଦୁର୍ଭିକ୍ଷର କୌଣସି ସମ୍ପର୍କ ନାହିଁ ବରଂ ରପ୍ତାନି ହେତୁରୁ ଏ ସମୟରେ ଅନେକ ଉପକାର ହୋଇ ଅଛି । ଯଦ୍ୟପି ଚାଉଳର ବାଣିଜ୍ୟ ପୂର୍ବରୁ ହୋଇ ନ ଥାନ୍ତା ତେବେ ଏତେବେଳେ ସରକାରୀ ଚାଉଳ ଆସିବାକୁ ଏତେ ଗାଡ଼ି ଓ ନୌକା କେଉଁଠାରୁ ପ୍ରାପ୍ତ ହୁଅନ୍ତା ଓ ମଧ୍ୟ ଏ ଦୁର୍ମୂଲ୍ୟରେ ଚାଉଳ କିଣିବାକୁ ଏତେ ଟଙ୍କା କେଉଁଠାରୁ ପ୍ରାପ୍ତ ହୁଅନ୍ତା ? ପୁନଶ୍ଚ ଯେଉଁ ରୂପ ଶସ୍ୟର ମୂଲ୍ୟ ଅଳ୍ପ ଅଧିକ ହେଲା ସେରୂପ ଉତ୍ତରୋତ୍ତର ଅଧିକ ଭୂମି କର୍ଷଣ ଦ୍ୱାରା ଉତ୍ପନ୍ନ ବୃଦ୍ଧି ହେବାରୁ ପୂର୍ବେ ଆଠଅଣା ଫସଲ ପ୍ରାପ୍ତିରେ ଯେ ଫଳ ହୋଇଥାନ୍ତା ଇଦାନୀର ଛଅଣା ଫସଲ ପ୍ରାପ୍ତିରେ ତଦପେକ୍ଷା ଉତ୍ତମ ହୋଇଅଛି ।

୭୪ ଅଙ୍କର ଗିରାନି ଏ ଦୁର୍ଭିକ୍ଷାପେକ୍ଷା ଅତି ସାମାନ୍ୟ ଥିଲା ମାତ୍ର ଶେଷ ସମୟରେ ଦୁଇ ମାସରେ ଲୋକ ବିଶେଷ ଦୁଃଖ ପାଇ ଥିଲେ । ଏ ଦୁର୍ଭିକ୍ଷ ଆରମ୍ଭ ହେଲା ଦିନାବଧି ଆଜକୁ ପ୍ରାୟ ୧୨ ମାସ ଲୋକମାନେ ଯେ ନିର୍ବାହ କଲେ ଏ ଶକ୍ତି କିପ କେଉଁଠାରୁ ପାଇ ଆନ୍ତେ ଯଦ୍ୟପି ବାଣିଜ୍ୟରେ ସାଧାରଣ ରୂପେ ଦେଶର ଶ୍ରୀବୃଦ୍ଧି ହୋଇ ନ ଥାନ୍ତା । ୭୪ଙ୍କ ଦୁର୍ଭିକ୍ଷରେ ଟଙ୍କାକୁ ସେର ଚାଉଳ ମିଳୁଥିଲା । ଏ ସମୟରେ ଟଙ୍କାକୁ ସେ [illegible] ମିଳୁ ଅଛି ରପ୍ତାନି ହେତୁରୁ ଏ ପ୍ରଭେଦ ହୋଇଅଛି ଏହା ବିବେଚନା କରାଯାଇ ନ ପାରେ । କାରଣ ସେ

Digitized by srujanika@gmail.com

Split by PDF Splitter



ସମୟରେ କେବଳ ଓଡ଼ିଶାରେ ଅକାଳ ପଡ଼ିଥିଲା । ବର୍ତ୍ତମାନ ଦୁର୍ଭିକ୍ଷ ଚତୁର୍ଦ୍ଦିଗ ବ୍ୟାପ୍ତକରି ଅଛି କେବଳ ବାଣିଜ୍ୟର ପ୍ରସାଦରୁ ଏ କଠିନ କାଳରେ ଯଥୋଚିତ ଉପଶମ ହୋଇ ଅଛି । ସନ୍ଦେହ ନାହିଁ ଅତଏବ ବାଣିଜ୍ୟକୁ ଦୁର୍ଭିକ୍ଷର କାରଣ ଜ୍ଞାନ ନ କରି ଦୁର୍ଭିକ୍ଷର ଶାନ୍ତି ନିକେତନ ସ୍ୱରୂପ ବାଣିଜ୍ୟର ମହତ୍ତ୍ୱ ସର୍ବଦା ରକ୍ଷା କରିବାର ଉଚିତ । କେହି କେହି ବୃଦ୍ଧି ଲୋଭରେ ମୁଗ୍ଧ ହୋଇ ଆପଣା ହସ୍ତଗତ ସମସ୍ତ ଶସ୍ୟ ବିକ୍ରି କରି ପଶ୍ଚାତକୁ ଦୁଃଖ ଲଭିଥିବେ ସତ୍ୟମାତ୍ର ଏ ତାହାର ବୁଦ୍ଧିର ଦୋଷ ବାଣିଜ୍ୟର ଦୋଷ କଦାଚ ନୁହଇ ବାଣିଜ୍ୟ ନ ଥିଲେ ମଧ୍ୟ ତାହାର ଅବସ୍ଥା ଉତ୍ତମ ହୁଅନ୍ତା ନାହିଁ କାରଣ ଯେ ରୂପ ଅବସ୍ଥାରେ ହସ୍ତଗତ ଶସ୍ୟକୁ ଛାଡ଼ି ଦେଲା ସେହି ରୂପ ଅବସ୍ଥାରେ ଅଧିକ ଶସ୍ୟ ଉତ୍ପନ୍ନ ନ କରିବାର ସମ୍ଭବ ହୋଇପାରେ । ଲାଭର ଆଶାରେ ମନୁଷ୍ୟମାନେ ଅଧିକ ଶସ୍ୟ ଉତ୍ପନ୍ନ କରିବାର ନୂତନ ନୂତନ ଉପାୟ ଚିନ୍ତା କରୁ କରୁ ବୋଧ ହୁଅଇ ଏକ ସମୟରେ ଏପର୍ଯ୍ୟନ୍ତ କ୍ଷମତା ପାଇବେ ଯେ ଋତୁ ମାନଙ୍କର ଅତ୍ୟନ୍ତ କରୁଣା ହେଲେ ସେମାନେ ଅଧିକ ଫସଲ ପ୍ରାପ୍ତହୋଇ ଏ ରୂପ ଦୁର୍ଘଟଣା ପ୍ରାୟ ସମ୍ପୂର୍ଣ୍ଣ ନିବାରଣ କରିବେ । ମାତ୍ର ଶସ୍ୟ ରପ୍ତାନି ନହେଲେ ସେ ଆଶା ଲୋକଙ୍କର ହେବନାହିଁ । ଏଣୁ କରି ଯେ ବର୍ଷ ଫସଲ ହେବ ସେବର୍ଷ ନିଶ୍ଚିନ୍ତ ରହିବେମାତ୍ର ଦୈବାଦଣ୍ଡ ହେଲେ ଏକାବେଳକେ ନିରୁପାୟ ହେବେ ।

ଆମ୍ଭେମାନେ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ଯେ ବର୍ତ୍ତମାନ ଦୁର୍ଭିକ୍ଷ ଯୋଗୁଁ ବାଣିଜ୍ୟପ୍ରତି କୌଣସି ପ୍ରକାର କୁସଂସ୍କାର ଜାତ ନ କରି ସର୍ବଦା ତହିଁରେ ଉନ୍ନତି ପକ୍ଷରେ ଯତ୍ନବାନ୍ ହେବେ କାରଣ ତାହାର ଉନ୍ନତି ଲାଭର ଏକମାତ୍ର ଉପାୟ ।

---

## ରାଜସ୍ୱ ମାଫିର ଦରଖାସ୍ତ

ପାଠକ ମହାଶୟମାନେ ଶ୍ରବଣ କରିଥିବେ ଯେ ଅଳ୍ପଦିନ ହେଲା କଟକସ୍ଥ ସମସ୍ତ ଜମିଦାରମାନେ ରାଜସ୍ୱ ମାଫି ପାଇବା ପ୍ରାର୍ଥନାରେ ଏକ ଦରଖାସ୍ତ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କୁ ଅର୍ପଣ କରିଥିଲେ । କଲେକ୍ଟର ସାହେବ ଜମିଦାରଙ୍କ ପକ୍ଷରେ ସୁବିଚାର କରିବା ଓ ନିତାନ୍ତରେ ରାଜସ୍ୱ ମାଫ ଦେବାର ନ ହେଲେ ଲାଟବନ୍ଦୀ ବର୍ତ୍ତମାନ ସ୍ଥଗିତ କରି ଜମିଦାରଙ୍କୁ ଖଜଣା ଆଦାୟ କାରଣ ସମୟ ଦେବା ସକାଶେ ଉକ୍ତ ଦରଖାସ୍ତକୁ ଧାରାମତେ କମିସ୍ନର ସାହେବଙ୍କ ନିକଟକୁ ପଠାନ୍ତେ ସେଥିରେ ସାହେବ ପ୍ରଶଂସିତ ତଳ ଲେଖିତ ଆଜ୍ଞା ପ୍ରଦାନ କରିଅଛନ୍ତି ।

Digitized by srujanika@gmail.com

Split by PDF Splitter



। ଇ । ସାହେବ ଏକଟିଙ୍ଗ କମିସ୍ନର । ଜା । କଟକ

ଏ ଦରଖାସ୍ତ ଯେଉଁମାନେ ଦେଇ ଅଛନ୍ତି ସେମାନଙ୍କୁ ସରକାରଙ୍କ ତରଫରୁ ରାଜସ୍ୱ ମାଫ ଦିଆଯିବାର ଭରସା ଦିଆଯାଇ ନ ପାରେ । କାରଣ କି ସେମାନେ ସରକାରରୁ ନୋକସାନ ମଜୁରି ପାଇବାର ହକଦାର ନୁହନ୍ତି । ଓ ମଧ୍ୟ ସେମାନଙ୍କ କବୁଲିୟତରେ ନୋକସାନ ମଜୁରିପାଇବାର କିଛି ସର୍ତ୍ତ ଲେଖା ନାହିଁ । ଯଦ୍ୟପିକି ସରକାରରୁ କୌଣସି କୌଣସି ସନରେ କିଛି କିଛି ମେହେର ବାନି ସୁରତେ ନୋକସାନ ଦିଆଯାଇଅଛି ତାହାକିଛି ଏମାନଙ୍କର ହରେକ ନୋକସାନରେ ମାଫପାଇବା ପକ୍ଷରେ ଦଲିଲ ନୁହେଁ ଓ ସରକାରରୁ ସେମାନଙ୍କ ସହିତ ଯେବନ୍ଦୋବସ୍ତ ହୋଇ ଜମିଦାର ଓ ସରବରାକାର ମାନଙ୍କୁ ମାଲିକାନା ସୁରତ ଦିଆଯାଇ ଅଛି ତାହା କେବଳ ବନ୍ଦୋବସ୍ତ ସର୍ତ୍ତ ମୁତାବକ ତାଙ୍କମାନଙ୍କ ଜମିଦାରୀର ଲଫା ଓ ନୋକସାନ ସେମାନଙ୍କ ତକଥିବା ଲିହାଜରେ ଦିଆଯାଇ ଅଛି ଯଦ୍ୟପି ଅଧିକ ମୁନାଫା ସେମାନେ ପାଆନ୍ତି ସେ ହେତୁରୁ ସରକାରରୁ ସେମାନଙ୍କ ଠାରୁ ଅଧିକ ମାଲଗୁଜାରି ସୁରତ ନିଆନଯାଏ ଜମିଦାର ଯେବେ ଆପଣା କାର୍ଯ୍ୟ ଅନ୍ଦାଜ ମାଫିକେ କରନ୍ତେ ତେବେ ସେମାନଙ୍କର ଆପଣା ଜମିଦାରୀର ନୋକସାନ ସାହାଯ୍ୟ କରିବାରେ କିଛି ମୁସ୍କିଲ ନ ଥିଲା ଏସାଲରେ ଏଦେଶରେ ଶସ୍ୟ ଅଭାବରୁ ଯେଉଁ ଦୁର୍ଭିକ୍ଷ ଲୋକମାନଙ୍କ ଉପରେ ପଡ଼ି ଅଛି ତାହା ପରମେଶ୍ୱରଙ୍କ ଅକୃପାରୁ ତହିଁ ନିମନ୍ତେ ବଡ଼ ଅଫଶୋଷର ବିଷୟ ଓ ସରକାର ତରଫରୁ ଏସନ ଅତଶଯ୍ୟ ଟଙ୍କା ପ୍ରାୟ କୋଟି କୋଟି ଟଙ୍କା ପର୍ଯ୍ୟନ୍ତ ଖରଚ କରାଯାଇ ଅନ୍ୟ ଦେଶରୁ ଶସ୍ୟାଦି ଅଣାଯାଇ ଏ ଜିଲାର ଲୋକମାନଙ୍କ ପ୍ରାଣରକ୍ଷା କରା ଗଲା, ଏହା ଯେସବୁ ସରକାର ତରଫରୁ ଖର୍ଚ୍ଚ କରାଗଲା ତାହା ଯେବେ ଜମିଦାର ଆପଣା ଅନ୍ଦାଜ ମୁତାବକ ଖର୍ଚ୍ଚ ଓ ଆପଣା କର୍ତ୍ତବ୍ୟ ସାଧନ କରିବା ଦ୍ୱାରା ଆପଣା ପ୍ରଜାମାନଙ୍କୁ ବଞ୍ଚାନ୍ତେ ସରକାରରୁ କଦାପି ଖର୍ଚ୍ଚ ପଡ଼ି ନ ଥାନ୍ତା । ସେମାନଙ୍କର ଭାର ସରକାର ଆପଣା ଉପରେ ନେଲେ ଏସିୱାଏ ଯେ ସରକାରରୁ ଖଜଣା ଅହୁର ଯେ ଜମିଦାରମାନଙ୍କୁ ମାଫ ଦିଆଯାଏ ତାହା ଆମ୍ଭଙ୍କୁ କଦାପି ଯଣା ଜାଉନାହିଁ ବରଂ ଏ ବିଷୟ ମଧ୍ୟ ପ୍ରକାଶ ଅଛି ଯେ ଯଦ୍ୟପି ଆଏନ୍ଦା ସନର ଫସଲ କି ପର୍ଯ୍ୟନ୍ତ ଉତ୍ପନ୍ନ ହେବ ଓ ଧୋଇରେ କି ଅନ୍ଦାଜ ବାକି ରହୁ ଅଛି ତାହା କିଛି ଜଣାଯାଇ ନାହିଁ ମାତ୍ର ଦରଖାସ୍ତ କାରୀମାନେ ଯେ ଅନ୍ଦାଜ ଏସନର ଫସଲ ନୋକସାନ ହୋଇଥିବାର ଲେଖି ଅଛନ୍ତି ସେ ଅନ୍ଦାଜ ହୋଇଥିବା ପକ୍ଷରେ ଆମ୍ଭର ଯଥେଷ୍ଟ ସନ୍ଦେହ ହେଉଅଛି ଯଦବା ଏପରି ନୋକ୍ସାନ ହୋଇଥାଏ ତେବେ ଏ ସନରେ ଯେପରି ଚାଉଳ ଇତ୍ୟାଦି ଶସ୍ୟର କିମତ୍ତି ଦୁର୍ମୂଲ୍ୟ ହୋଇ ଅଛି ସେହିପରି କାଏମ ରହେ । ତେବେ ଜମିର ଅଧା ଫସଲ ଜମିଦାରଙ୍କୁ ମିଳିଲେ ତହିଁରୁ ଖଜଣା ନିଃସନ୍ଦେହରେ ଆଦାୟ ହୋଇପାରେ ଅତଏବ ଜମିଦାରମାନଙ୍କୁ ବୁଝିବ ଯେ

Digitized by srujanika@gmail.com

Split by PDF Splitter



ସେମାନେ ଆପଣା ଆପଣା ଜମିଦାରିରେ ରନ୍ଧ୍ର ଓ ରାସ୍ତାମାନଙ୍କ ନଗାଣ୍ଡୀ ଓ ବନ୍ଧନ ଆଦିଦେଇ ଚିରସ୍ଥାୟୀ ଆବାଦ କରାଇ ଆପଣା ରୟତଙ୍କ ବଞ୍ଚାଇନ୍ତୁ ଓ ଯେବେ କି ଜମିଦାର ମାଲିକମାନେ ଯେପରି କି ବୃଦ୍ଧ ସେପରି ମେହନତ କରନ୍ତି ତେବେ ଆଏନ୍ଦା ଫସଲ ହେବାର କିଛି ମୁସ୍କିଲ ମାଲୁମ ହେବାର ନୁହେ ଅତଏବ ।

---

## ହୁକୁମ ହେଲା କି

ଏ ହୁକୁମର ନକଲ କଲେକ୍ଟର ସାହେବଙ୍କ ହଜୁରକୁ ପଠାଯାଉ କି ସେ ତରଖାସ୍ତକାରୀମାନଙ୍କୁ ଉପର ଲିଖିତ ହାଲ ଉତ୍ତମ ରୂପେ ବୁଝାଇ ଦେବେ । ତା ୧୨ଶଖ ମାହେ ସିତମ୍ବର ସନ ୧୮୬୬ ମସିହା ।

ଶ୍ରୀଯୁତ କମିସ୍ନର ସାହେବ ଯେ ଆପତ୍ତିମାନ ଆଗତ କରିଅଛନ୍ତି ସେ ସମସ୍ତ ଆମ୍ଭମାନଙ୍କ ଅଭିପ୍ରାୟ ପୂର୍ବରୁ ବ୍ୟକ୍ତ ହୋଇଅଛି । ପୁନରୁକ୍ତିର ଆବଶ୍ୟକ ନାହିଁ ମାତ୍ର ଉକ୍ତ ହୁକୁମ ଲେଖିତ ଦୁଇଏକ ବିଷୟର ମର୍ମ ଆମ୍ଭେମାନେ ସମ୍ପୂର୍ଣ୍ଣ ରୂପେ ବୁଝି ପାରୁନାହୁଁ । ଯଦ୍ୟପି ସରକାର ବହୁକାଳର ଦାୟରୁ ଏବର୍ଷ ସ୍ୱେଚ୍ଛା ପୂର୍ବକ ମୁକ୍ତ ହେବେ ତେବେ ସେଥିରେ କାହାର ଗୁହାରି ନାହିଁ । ମାତ୍ର ଆଗାମୀ ଫସଲର ଅବସ୍ଥାସଙ୍ଗେ ଗତ ଶସ୍ୟ ହାନିର କି ସମ୍ପର୍କ ଅଛି ? ମଧ୍ୟ ସେଥିରେ ସରକାରର ଲାଭ କି ? ଯଦ୍ୟପି ଆଗାମି ଫସଲର ବିଚାର କରାଯାଏ ତାହାହେଲେ ତ ଜମିଦାରଙ୍କ ପକ୍ଷରେ ବିବେଚନା କରିବାର ଉଚିତ କାରଣ ବିଆଲି ଫସଲ ନଷ୍ଟ ହେବାର ସମସ୍ତେ ସ୍ୱୀକାର କରୁ ଅଛନ୍ତି । ଓ ସାରଧ ଫସଲର ଅବସ୍ଥା ଜାଣିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେଲେ ନଭେମ୍ବର ମାଘ ଲାଟବନ୍ଦୀ ସ୍ଥଗିତ କରିବାର ଉଚିତ ହେଉଅଛି ମାତ୍ର କମିସ୍ନର ସାହେବ ଏପରି ସୁପାରିସ କରି ବୋର୍ଡ଼କୁ ନ ପଠାଇ ଯେ ଏକାବେଳକେ ଦରଖାସ୍ତ ନାମଞ୍ଜୁର କଲେ ଏହା ଜମିଦାରଙ୍କ କର୍ମ ଦୁର୍ଯୋଗ ବିନା ଅନ୍ୟ କି ?

ପୁନଶ୍ଚ କମିସ୍ନର ସାହେବ ଲେଖନ୍ତି ଯେ ଜମିଦାରମାନେ ସ୍ୱକର୍ମ ସାଧନ କରିଥିଲେ ସରକାରଙ୍କୁ "କୋଟି କୋଟି" ଟଙ୍କାର ଚାଉଳ ଦେଶାନ୍ତରରୁ ଆଣିବାର ପ୍ରୟୋଜନ ହୋଇ ନ ଥାନ୍ତା ଏ କଥା ସତ୍ୟ ହେଲେହେଁ କାହା ଦୋଷରୁ ତାହା ହେଲା ନାହିଁ ? ସରକାର ଅଜ୍ଞ ଜମିଦାରଙ୍କ ଅବସ୍ଥା ଯଥୋଚିତ ପରିମାଣରେ ଉନ୍ନତ କରି ନାହାନ୍ତି ଓ ସେମାନଙ୍କୁ ଯେ ଅଧିକାର ଦେଇ ଅଛନ୍ତି ଏହା ମଧ୍ୟ ଚିରସ୍ଥାୟୀ ନୁହଇ ଆସନ୍ତା ବନ୍ଦୋବସ୍ତରେ କି ରୂପ ରାଜସ୍ୱ ସ୍ଥିର ହେବ ଏହି ଭାବନାରେ ସେମାନେ ଆପଣା ଜମିଦାରୀ ପ୍ରତି ଯଥେଷ୍ଟ ମନୋଯୋଗ କରୁନାହାନ୍ତି ।

Digitized by srujanika@gmail.com

Split by PDF Splitter



ବନ୍ଦୋବସ୍ତ ଶେଷ ସମୟରେ ଦୁର୍ଭିକ୍ଷ ଉପସ୍ଥିତ ହୋଇଅଛି । କେଜାଣେ ଯେ ଜମିଦାରଙ୍କର ଏହି ଅଡର ସ୍ଥାୟୀ ଭାବନା ଏଥିର ଅବା ଏକ କାରଣ ହୋଇ ଥିବ । ଯତ୍କାଳରେ ସରକାର ଏତେ ଉପାୟ କରିମୁଦ୍ଧା ଯଥେଷ୍ଟ ଶୃଙ୍ଖଳ ଆଣିବାକୁ ଅସମର୍ଥ ହେଲେ ସେ ସ୍ଥଳେ ଏ ଦେଶସ୍ଥ ଜମିଦାରଙ୍କ ଦ୍ୱାରା ଯେ ଉକ୍ତ କର୍ମ ନିର୍ବାହ ହୁଅନ୍ତା ତାହା ସମ୍ଭବର ଅଗତ ମଧ୍ୟ ସରକାର ଏହା କଲେ ବୋଲି ଯେ ରାଜସ୍ୱ ମାଫ ଦେବେ ନାହିଁ ଏଥିର କାରଣ ବୁଝିବାର କଠିଣ ଅଟଇ । ଆମ୍ଭେମାନେ ଭରସା କରୁଁ ଯେ ଦରଖାସ୍ତକାରୀ ଜମିଦାରମାନେ କମିସ୍ନର ସାହେବଙ୍କ ହୁକୁମ ଶୁଣି ନିରୁପାୟ ନରହି ରେଭନ୍ୟୁ ବୋର୍ଡରେ ଆପଣା ଦୁଃଖ ଜଣାଇବେ କେଜାଣେ ତା ସେମାନଙ୍କ ମନରେ ଦୟାଉଦୟ ହୋଇପାରେ ।

---

## ଚୌକିଦାରୀ ଟେକ୍ସ

କଟକର ମାଜିଷ୍ଟ୍ରେଟ ଶ୍ରୀଯୁତ କର୍ଣ୍ଣେଲ ସାହେବ ଚଳିତ ବର୍ଷ ସକାଶେ ଯେ ସୁନୟମରେ ଚୌକିଦାରୀ ଟେକ୍ସ ସ୍ଥିର କରିଅଛନ୍ତି ତାହାଦୁଃଖୀଙ୍କ ପ୍ରତି ତତ୍କାଳରେ ଉତ୍ତମ ହୋଇଥିଲା । ସାହେବ ପ୍ରଶଂସିତ ଦୁଇ ପଇସା ଓ ଏକଅଣା ଟେକ୍ସ ଦେବା ବ୍ୟକ୍ତିଙ୍କୁ ଏକାବେଳେ ଟେକ୍ସ ଦାଏରୁ ମୁକ୍ତ ଦେଇ ଅନେକ ଦୁଇଅଣା ଦେବାବ୍ୟକ୍ତିଙ୍କୁ ମଧ୍ୟ ଏକଅଣିଆକୁ ଆଣିଥିଲେ । ମାତ୍ର ଚଳିତ ସନ ଅପ୍ରେଲ ମାସରେ ଲୋକଙ୍କର ଯେ ଅବସ୍ଥା ଥିଲା ଦିନ ଦିନ ସେଥିରୁ ଅଧୋଗାମୀ ହେଉ ଅଛନ୍ତି । ଓ ବର୍ତ୍ତମାନ କାଳରେ ସର୍ବସ୍ୱ ତ୍ୟାଗ କରି କେବଳ ଜୀବନ ବଞ୍ଚାଇବାର କଥା ସମସ୍ତଙ୍କ ମନକୁ ଆବୃତ କରି ଥିବାରୁ ସ୍ୱଳ୍ପ ଉପାୟର ଲୋକମାନେ କ୍ରମେ କ୍ରମେ ଆପଣା ଅତି ଆବଶ୍ୟକ ଭୋଜନ ପାତ୍ର ଓ ପରିଧାନ ଇତ୍ୟାଦି ଉଦର ଜ୍ୱାଳା ନିବାରଣ ଆଶାରେ ନାମ ମାତ୍ରମାତ୍ର ମୂଲ୍ୟରେ ବିକ୍ରୟ କରୁ ଅଛନ୍ତି । ଏ ଅବସ୍ଥାରେ ସେମାନେ କେଉଁଠାରୁ ଚୌକିଦାରୀ ଟେକ୍ସ ଦେଇ ପାରିବେ ? ଆଜି କାଲି ଜନସମୂହ ନାଶ କରିବାର ସମସ୍ତ ନା ଗୋଟାଏ ନାରଣିବଜାଇ ତାହାର ଦ୍ୱାରର କବାଟ ବନ୍ଦ କରିବାକୁ ସମସ୍ତ ? ଏକେତ ଉଦର ପୀଡ଼ା ହେତୁରୁ ଅପର ସମସ୍ତର ଶାନ୍ତ ଲୋକମାନେ ମୁଦ୍ଧା ଚୌର୍ଯ୍ୟ ବୃତ୍ତି ଅବଲମ୍ବନ କରି ଅଛନ୍ତି । ଦ୍ୱିତୀୟରେ ଆମ୍ଭର ରକ୍ଷକ ପୁଲିସ କନଷ୍ଟବଲମାନେ ଏ ପ୍ରକାର ସାବଧାନ ଯେ ଅନୁସନ୍ଧାନ କରି ଚୋରର ଧରିବାର ଆଉ ଚୋରଙ୍କ ଭୟରେ କେଉଁଠାରେ ଲୁଚିଥାନ୍ତି ଯେ ଗ୍ରାମରେ ତାଙ୍କ ସହିତ କଦାଚ ଭେଟ ହୁଅଇ । ସୁତରାଂ ଲୋକମାନେ ନିରୁପାୟ ହୋଇ ଆପଣା ଶରୀର ଓ ସମ୍ପତ୍ତି ରକ୍ଷାର ସମ୍ପୂର୍ଣ୍ଣ ଭରସା କବାଟର ଦୃଢ଼ତା ଉପରେ ସ୍ଥାପନ କରି ଅଛନ୍ତି । ଯଦ୍ୟପି ଏପରି ଅବସ୍ଥାରେ ଚୌକିଦାରୀ ଟେକ୍ସ ପାଇଁ

Digitized by srujanika@gmail.com

Split by PDF Splitter



ମେଯସ୍କର ସାହେବ ନାଗରର ଉଇନାଦ ଦ୍ୱାରା ଗ୍ରେରମାନଙ୍କୁ ସମ୍ବାଦ ଦେଇ ଦ୍ୱାରର ବଦାଟ ଜଲମ କରି ଦେଖାଯାନ୍ତୁ ତେବେ ମନୁଷ୍ୟର ରକ୍ଷାର ସ୍ଥାନ ଆଉ କେଉଁଠାରେ ଅଛି । ଅମ୍ଭେମାନେ ପ୍ରାର୍ଥନାକରୁଁ ଯେ ମାଞ୍ଚେଷ୍ଟର ସାହେବ ସହରର ଅବସ୍ଥା ଦୃଷ୍ଟିରେ ଚୌକିଦାରୀ ଟେକ୍ସ ଆଦାୟର କରିବାର ବର୍ଦ୍ଧମାନ କଠିନ ରୂପେ କାର୍ଯ୍ୟ କରିବାର ସ୍ଥଗିତ କରନ୍ତୁ । ଯେଉଁମାନେ ଦେବାକୁ ପାରଗ ଅଛନ୍ତି ତାହାଙ୍କ ଠାରୁ ଟେକ୍ସ ଆଦାୟ ଯେ ରୂପେ ହୋଇପାରେ ତାହା କରିବାରେ ଆମ୍ଭେମାନେ ଆପତ୍ତି କରୁନାହୁଁ । ମାତ୍ର ଯେଉଁମାନେ ଦେବାକୁ ଅକ୍ଷମ ଅଛନ୍ତି ସେମାନଙ୍କୁ ମୁକ୍ତି ଦେବାର ଅତି ଆବଶ୍ୟକ ଆମ୍ଭେମାନେ ଆଶା କରୁଁ ଯେ କୌଣସି ବ୍ୟକ୍ତି ବାକିଦାର ହେବାର ଦାରୋଗା ରିପୋର୍ଟ କଲେ ସେଇଲାକାର ପଞ୍ଚାୟତ ଦ୍ୱାରା ଉକ୍ତ ବ୍ୟକ୍ତିର ବର୍ତ୍ତମାନ ଅବସ୍ଥାର ତଦନ୍ତ କରି ଉତ୍ତାରୁ ତାହାପ୍ରତି ଉଚିତ ଆଜ୍ଞା ପ୍ରଦାନ ହେବ । କେବଳ ସମନଜାରିରେ ଉପଯୁକ୍ତ ଫଳର ସମ୍ଭାବନା ନାହିଁ । କାରଣ ଦୁଃଖୀମାନେ କଚେରୀକୁ ଯିବାକୁ ଅତ୍ୟନ୍ତ ଭୟ କରନ୍ତି । ଓ କଚେରିରେ ହାଜର ରହିଲେ ତାଙ୍କର ଦୁଃଖ ମାରିଯିବ ଓ ଆହାରର ଉପାୟ ଯୁଟା ହେବ ନାହିଁ । ଏ ଆଶଙ୍କାରେ ଭବିଷ୍ୟ ଲୋଭର ଆଶାରେ ବର୍ତ୍ତମାନର କଷ୍ଟ ସହ୍ୟ କରିବାକୁ ସ୍ୱୀକାର କରନ୍ତି ନାହିଁ ପଞ୍ଚାଏତଙ୍କ ଦ୍ୱାରା ତଦାରଖ ହେଲେ ସକଳ ବିଷୟର ସୁବିଧା ହେବ ।

---

## ସାପ୍ତାହିକ ସମ୍ବାଦ

ହିନ୍ଦୁ ପେଟ୍ରିୟଟ ପତ୍ରିକାରୁ ଅବଗତ ହେଲୁଁ ଯେ ଏକ ଦିନକରେ ଆମ୍ଭମାନଙ୍କ ମହାରାଜ୍ଞୀ ଭିକ୍ଟୋରିୟା ବଗିରେ ଭ୍ରମଣ କରିବାକୁ ଯାଉଁ ଯାଉ ବାଟରେ ଦେଖିଲେ ଯେ ଗୋଟିଏ ଦୁଃଖୀ ବୃଦ୍ଧ ଗୋଟିଏ କାଠ ନେଇ ଯାଉଥିଲା । ତାହାକୁ କ୍ଳାନ୍ତ ହୋଇ ଥିବାର ଦେଖି ମହାରାଣୀ ତାହାକୁ କହିଲେ ତୁମ୍ଭେ କାଠ ବଗିପଛରେ ରଖି କୋଚମ୍ୟାନ ସଙ୍ଗେ ବସ । ଏହି ପ୍ରକାରେ ତାହାକୁ ତାହାର ନିର୍ଦ୍ଦିଷ୍ଟ ସ୍ଥାନ ପର୍ଯ୍ୟନ୍ତ ନେଇଗଲେ ବୃଦ୍ଧ ବଗିରୁ ଓହ୍ଲାଇ ନିଜ ସ୍ଥାନକୁ ଯିବା ସମୟରେ ମହାରାଣୀଙ୍କ ହସ୍ତ ସ୍ପର୍ଶ କରି କହିଲା । "ଆପଣଙ୍କୁ ଧନ୍ୟବାଦ କରୁ ଅଛୁଁ । ଏପରି ଦୁଃଖୀ ବ୍ୟକ୍ତିକୁ ଆଉ କେହି ଏ ପ୍ରକାର ସାହାଯ୍ୟ କରନ୍ତି ନାହିଁ ।

ଉକ୍ତ ପତ୍ରିକାରୁ ଜାଣିଲୁଁ ଯେ ବୋମ୍ବାଇ ଗବର୍ଣ୍ଣମେଣ୍ଟ ଇଲାକାରୁ ଦେଶୀୟ ଡାକ୍ତରମାନଙ୍କର ବେତନ ଦୁଇ ଗୁଣ ହୋଇଅଛି ।

Digitized by srujanika@gmail.com

Split by PDF Splitter



କାଶ୍ମୀର ନିକଟରେ ସରକାର ଟ ୩୦୦୦୦ଙ୍କାରେ ଏକ ଜମିଦାରୀ କ୍ରୟ କରି ଅଛନ୍ତି । ଏଥିପୂର୍ବ ମାଲିକ ଏ ଜମିଦାରୀକୁ ଟ ୨୦୦୦୦ଙ୍କାରେ ବନ୍ଦବସ୍ତ କରିବାକୁ ସମ୍ମତ ଥିଲେ । ଦେଖ ଆମ୍ଭମାନଙ୍କ ଟଙ୍କା କି ପ୍ରକାର ବ୍ୟୟ ହେଉଅଛି ।

ଫ୍ରାନ୍ସ ଦେଶର ଏକ ଡାକ୍ତର କହନ୍ତି ଯେ ସର୍ବ ପ୍ରକାର ଯକ୍ଷ୍ମା କାଶ କଞ୍ଚା ମାଂସ ଓ ମଦ୍ୟ ଆହାର ଦ୍ୱାରା ଆରୋଗ୍ୟ ହୋଇ ପାରେ ଏହି ଉପାୟ ଦ୍ୱାରା ସେ କହନ୍ତି ୧୦୦୦ ଲୋକ ରୋଗ ମୁକ୍ତ ହୋଇଛନ୍ତି । କଞ୍ଚା ମାଂସର ଦୁର୍ଗନ୍ଧ ନିବାରଣ ନିମନ୍ତେ ତାକୁ କୋମଳ କରି ଚିନିରେ ମିଶ୍ରିତ କରି ଖାଇବାକୁ ଦିଅନ୍ତି ।

ହିନ୍ଦୁ ପେଟ୍ରିୟଟ ପତ୍ରିକାରୁ ଜଣାଯାଉଅଛି ଯେ ସମୁଦାୟ ପୃଥିବୀ ଉପରେ ସଂବତ୍ସର ମଧ୍ୟରେ ପ୍ରାୟ ମ୨୯୬୭୦୦୦୦୦୦୦୦୦ଦ୍ରୋଣ ଜଳ ବର୍ଷା ବୃଷ୍ଟି ହୁଏ । ତଥାପି ଜଳାଭାବରେ ଆମ୍ଭମାନଙ୍କର ଏ ଦୁର୍ଗତି ।

ଉକ୍ତ ପତ୍ରିକା ଲେଖନ୍ତି ଯେ କଲିକତାର ସରୂପ ଚନ୍ଦ୍ର ମଲ୍ଲିକ ଓ ପ୍ରାଣକୃଷ୍ଣ ମଲ୍ଲିକଙ୍କ ବିଧବା ସ୍ତ୍ରୀ ପ୍ରତ୍ୟେକ ଟ୧୦୦୦ଙ୍କା ଲେଖାଏ କଲିକତାସ୍ଥ କଙ୍ଗାଳମାନଙ୍କ ସାହାଯ୍ୟାର୍ଥେ ଦାନ କରି ଅଛନ୍ତି । ଏ ସ୍ତ୍ରୀମାନେ ଧନ୍ୟ । ବଙ୍ଗଳା ଦେଶସ୍ଥ କୁଳିନ ମାନଙ୍କ ବହୁ ବିବାହ ନିବାରଣ ନିମନ୍ତେ ସେହି ଦେଶସ୍ଥ କେତେ ଦେଶ ହିତୈଷୀ ବ୍ୟକ୍ତିମାନେ ସରକାରଙ୍କୁ ଆବେଦନ କରି ଥିଲେ ଏଥିର ତଦନ୍ତ ବୁଝିବା ସକାଶେ ସରକାର କେତେକ ଭଦ୍ରଲୋକଙ୍କୁ ନିଯୁକ୍ତ କରିଅଛନ୍ତି ।

ବାଲେଶରର ସାହାଯ୍ୟ କର୍ମ ସୁସ୍ଥରୂ ରୂପେ ନ ଚଳୁଥିବାର ହରକରା ନାମକ ସମ୍ବାଦ ପତ୍ରରେ କେହି ଲେଖନ୍ତି । ଏହାଦେଖି ବାଲେଶ୍ୱର କଲେକ୍ଟରଙ୍କୁ ବୋର୍ଡ ରିପୋର୍ଟ ତଲବ କଲେ । ତାଙ୍କ ଜବାବରେ ବାଲେଶରର କଲେକ୍ଟର ସାହେବ ଲେଖନ୍ତି ଯେ ଏ ପ୍ରକାରର ସମ୍ବାଦ ହରକରାରେ କେବେଳ ସେ କିଛି ଠିକ କରି ପାରିଲେ ନାହିଁ । ଆଉ ସେ କହନ୍ତି ଯେ ସଟଲକ-ଅର୍ଥ ଓ ସ୍କଲ ସ ହେବ ଜଗମୋହନ ବାବୁ ଓ ହେଡ଼ମାଷ୍ଟର ଇତ୍ୟାଦି କେତେକ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ପଚାରିଲେ ମାତ୍ର କେହି ଲେଖିଥିବାର ସ୍ୱୀକାର କଲେ ନାହିଁ । ମଜିଷ୍ଟ୍ରାଟ ସାହେବଙ୍କର ଏପ୍ରଶ୍ନ ପଚାରିବାର କି ଆବଶ୍ୟକତା ଥିଲା । ଏମତ ପଚାରିବାରୁ ତାଙ୍କର ଭୟ ଓ ସେ କିପ୍ରକାର ଲୋକ ତାହା ଉତ୍ତମ ରୂପେ ପ୍ରକାଶ ପାଉ ଅଛି । ଇଂରେଜମାନଙ୍କ ମଧ୍ୟରେ ୧୮୬୭ ସାଲରେ ଯେ ଏପରି ଲୋକ ଦେଖାଗଲେ ଏ ଅତି ଆଶ୍ଚର୍ଯ୍ୟର ବିଷୟ । ସଭ୍ୟ ଦେଶ ନିବାସୀ ଶିକ୍ଷିତ ଲୋକମାନଙ୍କର ଏହି ଇଚ୍ଛା ଯେ କପରି ଶାସନ ଇତ୍ୟାଦି ଦୋଷ ଖବର କାଗଜ ଇତ୍ୟାଦି ଦ୍ୱାରା ସର୍ବସାଧାରଣଙ୍କ ନିକଟ ଗୋଚର ହେବ ଓ ତଦ୍ୱାରା ସେସବୁ ସଂଶୋଧନ ହେବ ।

Digitized by srujanika@gmail.com

Split by PDF Splitter



ରୁସ୍ତମଜି ଜେମସ୍‌ଜି ଜିଜିଭଏ ନାମକ ଏକ ମହାଜନ ଦେଉଳିଆ ହେବାରୁ ମହାଜନମାନେ ତାଙ୍କର ସ୍ୱତ୍ତ୍ୱ ସମ୍ପତ୍ତି କ୍ରୋକ କରି ଅଛନ୍ତି । ଆପେ ଉଦ୍ଧବା ନିମନ୍ତେ ରୁସ୍ତମଜି ମହାଜନମାନଙ୍କୁ ଗୋଟିଏ କୋଠି ଛାଡ଼ିଦେବାକୁ କହିବାରୁ ସେମାନେ ଅସ୍ୱୀକାର କଲେ । ଏହି ରୁସ୍ତମଜି ଅଳ୍ପକାଳ ପୂର୍ବେ ଯେତେବେଳେ ତାଙ୍କର ସୌଭାଗ୍ୟଥିଲା ଲକ୍ଷ ଲକ୍ଷ ଟଙ୍କା ଦାନ କରୁଥିଲେ ହାୟ ! ଲକ୍ଷ୍ମୀ କି ଚଞ୍ଚଳା ।

ଆମ୍ଭେ ଅତ୍ୟନ୍ତ ଆନନ୍ଦର ସହିତ ଶ୍ରବଣ କଲୁଁ ଯେ ଭାରତ ବର୍ଷର ପ୍ରଥମ ସିଭିଲ ସର୍ଭାଣ୍ଟ ଶ୍ରୀଯୁତ ବାବୁ ସତ୍ୟେନ୍ଦ୍ରନାଥ ଠାକୁର ଅହେମଦାବାଦର ସରକାରୀ ଓ ସେସନ୍ ଜଜ୍ ହୋଇ ଅଛନ୍ତି ।

ବାଙ୍କି ଜିଲାରେ ଏକ ଖୁନ ହୋଇ ଅଛି ୯ବରଷ ବୟସ୍କା ଚମ୍ପା ନାମକ ଏକ ବାଳିକାକୁ ରାଧି ନାମରେ ଏକ ସ୍ତ୍ରୀ କୌଣସି ଖାଦ୍ୟ ଫଳ ଦେବା ଲୋଭ ଦେଖାଇ ଆମ୍ବ ତୋଟାକୁ ଡାକିନେଇ ସେଠାରେ ତଣ୍ଟି ଚପି ତାକୁ ମାରି ପକାଇ ତାହାର ଅଳଙ୍କାର ନେଲା ଏ ମକଦ୍ଦମା ବର୍ତ୍ତମାନ ପୁଲିସଦ୍ୱାରା ତଦାରଖ ହେଉଅଛି । ଖୁନ ମକଦ୍ଦମା ଅଧିକାଂଶ ଧନ ଲୋଭରେ ହୁଏ ।

ଅସ୍ମାନଙ୍କ ବାଲେଶ୍ୱରର ସମ୍ବାଦଦାତା ଲେଖନ୍ତି ଯେ ସେସ୍ଥାନର ଇଙ୍ଗ୍ରେଜି ସ୍କୁଲର ହେଡମାଷ୍ଟର ବାବୁ ଗଙ୍ଗାଧର ଆଚାର୍ଯ୍ୟ ସ୍କୁଲର ବାଳକମାନଙ୍କ ପ୍ରତି ଅବ୍ୟବହାର୍ଯ୍ୟ ତିରସ୍କାର ଭାଷା ପ୍ରୟୋଗ କରନ୍ତାରୁ ବାଲେଶ୍ୱର ଲୋକମାନଙ୍କର ଅନାଦର ପାତ୍ର ହୋଇ ଅଛନ୍ତି । ଉଦାହରଣ ଦର୍ଶାଇ ବାଳକମାନଙ୍କୁ ଉତ୍ତମ ଆଚରଣ ଶିକ୍ଷା ଦେବାର ଶିକ୍ଷକ ମାନଙ୍କର କର୍ତ୍ତବ୍ୟ କର୍ମ ମାତ୍ର ସେମାନେ ଯଦ୍ୟପି ସ୍ୱୟଂ କୁବାକ୍ୟ ପ୍ରୟୋଗ ବାଳକମାନଙ୍କୁ ଶିଖାଇବେ ତେବେ ଛାତ୍ରମାନେ ସଦ୍‌ବ୍ୟବହାର ଆଉ କାହାଠାରୁ ଶିଖିବେ ।

ପୁରୀର ସମ୍ବାଦଦାତା ଲେଖନ୍ତି ଯେ ସେସ୍ଥାନର ସ୍କୁଲର ଦୁଇ ବାଳକମାନଙ୍କ କଳହ ହେବାରୁ ହେଡ଼ମାଷ୍ଟର ମଧ୍ୟ ଏକ ଜଣକୁ ଦେଲେ ସେ ଦଣ୍ଡ ଭୋଗ କଲା ଉତ୍ତାରୁ ଆପଣା ନିର୍ଦ୍ଦୋଷଣ ହେଡ଼ମାଷ୍ଟରଙ୍କୁ ଜଣାଇ ବାରେ ସେ ରାଗାନ୍ଧ ହୋଇ ତାଙ୍କୁ ବଦ୍‌ଜାତ ବୋଲି ଗାଳି ଦେଲେ । ବଡ଼ ଦୁଃଖର ବିଷୟ ଯେ ଶିକ୍ଷକମାନେ ଏପ୍ରକାର କ୍ରୋଧ ପରବଶ ହୋଇ ଆପଣା କର୍ତ୍ତବ୍ୟ ବିସ୍ମରଣ କରନ୍ତି ।

ଗ୍ରାମବର୍ତ୍ତା ପ୍ରକାଶିକାରୁ ଅବଗତ ହେଲୁଁ ଯେ ବଗୁଡ଼ା ଜିଲା ବାଂଧ ଦେଉଡ଼ିଆ ଗ୍ରାମରେ ଗୋଟିଏ ସ୍ତ୍ରୀ ଲୋକ ପାଞ୍ଚଗୋଟି ପୁତ୍ର ପ୍ରସବ କରିଥିଲା ପିଲାଟି-ମାନଙ୍କର ପରିମାଣ ଅର୍ଦ୍ଧହସ୍ତରୁ ମଧ୍ୟନ୍ୟୂନ ହେବ । ପ୍ରଥମ ଦିନ ଦୁଇଗୋଟି ତହିଁ ଆର ଦିନ ଆଉ ଦୁଇ ଗୋଟି ଓ ତହିଁ ଆରଦିନ ଆଉ ଗୋଟିଏ ପ୍ରସବ କରି ଦୁଇ ଦିନ ଉତ୍ତାରୁ ପ୍ରସୂତ ସଂସାର ଯାତ୍ରା ଶେଷ କଲା । ସନ୍ତାନ ଗୁଡ଼ିକ ଜୀବିତାବସ୍ଥାରେ ଜନ୍ମ ହୋଇ ଥିଲେ କିନ୍ତୁ ମାତୃ ଦୁଗ୍ଧ ପାନ କରିବାକୁ ନ ପାଇବାରୁ ଜୀବିତ ରହି ପାରିଲେ ନାହିଁ । ଏପରି କେବେ ଶୁଣାଯାଇ ନ ଥିଲା ।

Digitized by srujanika@gmail.com

Split by PDF Splitter



ସେକ୍ରେଟରିଅବଷ୍ଟେଟ ଭାରତ ବର୍ଷ ଗବର୍ଣ୍ଣମେଣ୍ଟରୁ ଦୁର୍ଭିକ୍ଷ ପୀଡ଼ିତ ଦେଶବାସୀମାନଙ୍କ ଅବସ୍ଥା ବିଷୟରେ ଓ ଦୁର୍ଭିକ୍ଷ ଶାନ୍ତିନିମନ୍ତେ ଗବର୍ଣ୍ଣମେଣ୍ଟ ଓ ଦେଶୀୟ ଲୋକମାନେ କି କି ଉପାୟ ଅବଲମ୍ବନ କରି ଅଛନ୍ତି ସେ ବିଷୟରେ ଏବଂ ବଙ୍ଗଳା ଓଡ଼ିଶା ଓ ତନ୍ନିକଟ ବର୍ତ୍ତୀ ମାନ୍ଦ୍ରାଜ ପ୍ରେସିଡେନ୍‌ସିରେ ସ୍ଥାନମାନଙ୍କ ଅବସ୍ଥା ବିଷୟରେ ରିପୋର୍ଟ ତଲବକରି ଅଛନ୍ତି ।

ଜୁନ ମାସଠାରୁ ଏ ପର୍ଯ୍ୟନ୍ତ କଟକ ଜିଲ୍ଲା ସରକାରେ ବଡ ଘରକୁ ପ୍ରାୟ ଦେଢ଼ଲକ୍ଷ ମହଣ ସରକାରୀ ଚାଉଳ ଆସିଅଛି ଏହାଛଡ଼ା ସମ୍ବଲପୁର ଓ ଗଞ୍ଜାମ ଜିଲ୍ଲାମାନଙ୍କରୁ ମହାଜନୀ ଚାଉଳ ପ୍ରାୟ ମ୭୦୦୦୦ହଣ ଆସିଅଛି ।

ହୋମ ପ୍ରକାଶରୁ ଅବଗତ ହେଲୁଁ ଯେ ଭାରତ ବର୍ଷ ଚିକିତ୍ସା ଗେଜେଟରେ ଡାକ୍ତର ଗ୍ରିନ ସାହେବ ଲେଖନ୍ତି ଯେ ଆସେଟିକ ଆସିଡ଼ ଓଲାଉଠା ରୋଗର ପ୍ରଧାନ ଔଷଧ ଓ ଆଉ ଏକ ଜଣ ଡାକ୍ତର ବୁଢ଼ିଆଣିବସା ଜ୍ୱରରେ ବ୍ୟବହାର କରିବା ମତର ସପକ୍ଷତା କରିଅଛନ୍ତି ।

ଏଜୁକେଶନ ଗେଜେଟ ଲେଖନ୍ତି ଯେ କଲିକତା ମେଡ଼ିକାଲ କଲେଜକୁ ଆଶ୍ଚର୍ଯ୍ୟ ରୋଗାକ୍ରାନ୍ତ ଗୋଟିଏ ସ୍ତ୍ରୀଲୋକ ଆସିଅଛି । ତାହାର ପେଟ ଏପ୍ରକାର ଫୁଲି ଅଛି ଯେ ଦେଖିବା ମାତ୍ରେ ଉଦରୀ ରୋଗର ଅନୁମାନ ହୁଏ କିନ୍ତୁ ଉକ୍ତ କଲେଜର ବିଚକ୍ଷଣ ଡାକ୍ତର ମାନେ ତାହା ଉଦରୀ ରୋଗ ନଥିବାର ସ୍ଥିର କରି ଅଛନ୍ତି । ଅଦ୍ୟାପି କିଛି ସିଦ୍ଧାନ୍ତ ହୋଇ ପାରିନାହିଁ । ଆଉ ଏକ ବ୍ୟକ୍ତି ବାମ ଚକ୍ଷୁର ତଳେ ହଠାତ୍ ଅସ୍ଥି ବୃଦ୍ଧି ହେବାରୁ ଯେହେତୁ ତାହାର ଆହାରାଦି ବନ୍ଦ ହୋଇଗଲା । ରୋଗ ଅତି କଠିଣ ହୋଇଥିଲା । ପ୍ରଥମ ସାର୍ଜନ ଫେରର ସାହେବ ଓ ଦ୍ୱିତୀୟ ସାର୍ଜନ ପାଟ୍ରିଜ ସାହେବ ଅସ୍ତ୍ରବିଦ୍ୟାର ବିଶେଷ କୌଶଳରେ ତାହାଙ୍କୁ ଏକ ପ୍ରକାର ରୋଗୋନ୍ମୁକ୍ତ କରି ଅଛନ୍ତି ସେ ରୋଗୀ ବର୍ତ୍ତମାନ କଥାବାର୍ତ୍ତା ଓ ପାନ ଭୋଜନ କରି କଲେ କିଛି ମାତ୍ର କଷ୍ଟ ବୋଧ କରୁ ନାହିଁ ।

---

## ଉତ୍କଳ ଦୀପିକାର ମୂଲ୍ୟ

| | |
|---|---|
| ଅଗ୍ରିମ ବାର୍ଷିକ ମୂଲ୍ୟ | ଟ ୫ ଙ୍କା |
| ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ | ଟ ୬ ଙ୍କା |

ଏ ସମ୍ବାଦ ସମ୍ପର୍କୀୟ ସମସ୍ତ ଚିଠିପତ୍ର ଓ ଟଙ୍କା ଇତ୍ୟାଦି ଶ୍ରୀ ଗୌରୀଶଙ୍କର ରାୟ ମେନେଜରଙ୍କ ନିକଟକୁ ପଠାଇବାକୁ ହେବ ।

---

ସହର କଟକ ଆଲମଚାନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନିର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା

୧ଭାଗ ଶନିବାର ତା ୨୯ ରିଖ ମାହେ ସିପ୍ତମ୍ବର ସନ ୧୮୬୬ ମସିହା
ମୁତାବକ ହିଂ୧୫ନ ଆଶ୍ୱିନ ସନ ୧୨୭୪ ସାଲ ନବମ ସଂଖ୍ୟା

### ଦଣ୍ଡିଦାର—

ଆମ୍ଭେମାନେ ପୂର୍ବେ ଏକ ସାପ୍ତାହିକର ଅନ୍ତଗତ ପତ୍ରିକାରେ ଏ କଟକ ସହରସ୍ଥ ଦଣ୍ଡିଦାରମାନେ ଦ୍ୱିତୀୟ ଦଣ୍ଡଧର ସ୍ୱରୂପ ଶସ୍ୟାଦିର ନିରଖ ପ୍ରତି ଟଙ୍କିକତା କ୍ରମେ ହ୍ରାସ କ୍ଷେପଣ କରୁଥିବା ଦୋଷରୁ ଚଳିତ ସମ୍ବତ୍ସର ଆରମ୍ଭରୁ ଶସ୍ୟାଦିର ଭାଉ ଦୁର୍ମୂଲ୍ୟ ହୋଇ ତତ୍ପରେ ବହୁଂ ସଂଖ୍ୟକ ପରିମାଣରେ ଶସ୍ୟାଦିର ଆମଦାନି ଓ ବିକ୍ରୟ ହେବା ପ୍ରତ୍ୟକ୍ଷେ ତଦ୍ଧିର ଭାଉ ବୃଦ୍ଧିହେଉ ନଥିବାରୁ ସେମାନଙ୍କର ଅତ୍ୟାଚାର ରହିତ କରିବା ପକ୍ଷରେ କୌଣସି ଉପାୟ ସର୍ଜନା କରିବା ଗବର୍ଣ୍ଣମେଣ୍ଟଙ୍କର ଆବଶ୍ୟକ ଥିବାର ପ୍ରକାଶ କରି ଅଛୁଁ ମାତ୍ର ସେମାନେ ଯେ ସାମାନ୍ୟ କୌଣସି ଉପାୟରେ ନିଃଶେଷ ପାଆନ୍ତି ତାହା ବିଶ୍ୱାସର ଯୋଗ୍ୟ ନୁହେ କାରଣ ସେମାନେ ରକ୍ତ ବର୍ଯବଂଶ ଅଥବା ସ୍ୱୟମ୍ଭୂ ତୁଲ୍ୟ ଅଟନ୍ତି କେବଳ ମାତ୍ର ଆପଣାର ଶକ୍ତି ସ୍ୱରୂପ ଦଣ୍ଡି ଓ ତରାଜ ଏକଗୋଟି ହସ୍ତରେ ଗ୍ରହଣ କରି ପାରିଲେ ଦଣ୍ଡିଦାର ବୋଲି ବିଖ୍ୟାତ ହୁଅନ୍ତି । ଅତଏବ ବର୍ତ୍ତମାନର ଦଣ୍ଡିଦାର ମାନଙ୍କୁ ରହିତ କରାଗଲେ ପୁନର୍ବାର ସେହି ଦଣ୍ଡି ଓ ତରାଜୁ ବଳରେ ଅନ୍ୟଲୋକମାନେ ଦଣ୍ଡିଦାର ସ୍ୱରୂପ ଦଣ୍ଡାୟମାନ ହେବାର କି ଆଶ୍ଚର୍ଯ୍ୟ ଅଛି କିନ୍ତୁ ଏ ଓଡ଼ିଶା ମଧ୍ୟରେ ମଫସଲ ପ୍ରଦେଶାଦିରେ ଦଣ୍ଡି ତରାଜୁରେ ଓଜନ କରିବାର ଧାରା ନ ଥାଇ ସେର ଓ ଗୌଣୀରେ ଶସ୍ୟାଦି ମାପ ଓ କ୍ରୟ ବିକ୍ରୟ କରିବାର ଯେ ରୂପ ବ୍ୟବହାର ପ୍ରଚଳ ଅଛି । ତଦ୍ଧିରେ କାହାର କିଛି ହାନି ନଥିବା ପ୍ରତ୍ୟକ୍ଷେ ଯେବେ ସେହି ଧାରା କଟକ ସହର ମଧ୍ୟରେ ଜାରି କରାଯାଏ ତେବେ ମଫସଲ ଓ ଗଡ଼ଜାତବାସି ବେପାରିମାନେ ଯେପରି ମଫସଲରୁ ସେର ଓ ଗୌଣି ଓ ମାଣରେ ମାପକରି ଆଣୁ ଅଛନ୍ତି ସେହିପରି ମାପ ଓ ବିକ୍ରୟକଲେ ସେମାନଙ୍କୁ ଆପଣା ଆପଣା ଚିକସାତର କ୍ଷତି ଓ

Digitized by srujanika@gmail.com

Split by PDF Splitter



ବୁଝି ଅକ୍ଳେଶରେ ବୋଧଗମ୍ୟ ହେବ ଏବଂ ବର୍ତ୍ତିମାନ ଯେପରି ଦଣ୍ଡି ଓ ତରାଜୁରେ ଓଜନ ବୁଝି ନ ପାରିବା ହେତୁଁ ଦଣ୍ଡିଦାର ବିକ୍ରୟ କରୁ ଅଛନ୍ତି । ତାହା କରିବାକୁ ଇଚ୍ଛାଧୀନ ନ ହେବେ ସୁତରାଂ ଦଣ୍ଡିଦାର ମାନେ ଜରିମ୍ନକୁ ପ୍ରାପ୍ତ ହେବେ । ଏହା ନ ହୋଇ କେବଳମାତ୍ର ଦାଣ୍ଡିଦାରଙ୍କ ଉଦ୍ଧୃତ ପକ୍ଷରେ କୌଣସି ନୂତନ ଅଇନଜାରି ହେଲେ ମଧ୍ୟ ତାହା ସର୍ବଦା ଜମନ୍ତେ ଫଳଦାୟକ ହେବାର କଷ୍ଟ ।

---

## କଟକସ୍ଥ ସାହାଯ୍ୟ କମେଟୀ

ଚଳିତ ମାସ ତା ୨୫ ରିଖରେ କମେଟୀର ଯେ ସଭା ହୋଇଥିଲା ସେଥିରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ଧାର୍ଯ୍ୟ ହେଲା ଯେ ସାହାଯ୍ୟ ବିକ୍ରେରେ କେହି ଲୋକ ଏକ ଥରରେ ୪୦। ଅଣାରୁ ଅଧିକ ମୂଲ୍ୟର ଚାଉଳ ପାଇବ ନାହିଁ । ମାତ୍ର ମେମ୍ବର ମାନେ ଯାହାଙ୍କ ଅବସ୍ଥାରୁ ଯଥାର୍ଥ ରୂପେ ଜ୍ଞାତ ଥିବେ ତାହାଙ୍କୁ ଆପଣା ଇଚ୍ଛାନୁସାରେ ଅଧିକ ମୂଲ୍ୟର ଚାଉଳ ବିକ୍ରି କରି ପାରିବେ । ଏନିୟମ କରିବାର ଏହି ଅଭିପ୍ରାୟ ବୁଝା ଯାଏ ଯେ ଅନେକ ଲୋକ ସାହାଯ୍ୟ ପାଇବାର ଉପଯୁକ୍ତ ନଥିବା ପ୍ରତ୍ୟେକେ ଛଦ୍ମବେଶ ଧାରଣ ପୂର୍ବକ ମେମ୍ବରମାନଙ୍କ ଠାରୁ ପ୍ରତାରଣା କରି ଶସ୍ତା ଭାଉରେ ଚାଉଳ ନେଇ ଯାନ୍ତି ଆମ୍ଭମାନଙ୍କର ବିଶ୍ୱାସ ହେଉ ଅଛି ଯେ ଏରୂପ ଘଟଣା ପ୍ରାଏ ହୁଏ । ମେମ୍ବର ମାନେ ଅତିଶୟ ସତର୍କରେ ରହିଲେ ସୁଦ୍ଧା ସର୍ବଜ୍ଞ ହୋଇ ନ ପାରନ୍ତି ଓ ବିକ୍ରୟ ସମୟରେ ଯେ ରୂପ ଗୋଳମାଳ ହୁଏ ସେଥିରେ ମେମ୍ବରମାନେ ଅତ୍ୟନ୍ତ ବ୍ୟସ୍ତ ହୋଇ ପାଖାପାଖି ବିବେଚନା କରିବାକୁ ଅବକାଶ ପାନ୍ତିନାହିଁ । ସରକାରର ସାହାଯ୍ୟ କର୍ମ ମଧ୍ୟରେ ଶସ୍ତା ବିକ୍ରିର ଅଭିପ୍ରାୟ ଆଦ୍ୟରୁ ସଫଳ ହେଉ ନାହିଁ । ଯଦ୍ୟପି ଦୁଃଖୀଲୋକ କିଣି ପାରିବେ ବୋଲି ଶସ୍ତାବିକ୍ରି ହେଲା ତେବେ ତାହାଙ୍କ ଅବସ୍ଥାନୁସାରେ ଚାଉଳର ମୂଲ୍ୟ ସ୍ଥିର ହୁଅନ୍ତା ଓ ବଜାର ଭାଉରୁ ଏକ କି ଦୁଇ ସେର ଅଧିକ ଦେବାରେ ସେମାନଙ୍କ କଦାଚ ସିଦ୍ଧ ହେବାର ସମ୍ଭବ ନୁହେଁ । ଅତଏବ ଏରୂପ ଭାଉରେ ବିକ୍ରି କରିବାରେ ତାଦୃଶ ଉପକାର ହେଉ ନାହିଁ ଓ ତାହା ଉଦ୍ଧୃତ କଲେ ମଧ୍ୟ କିଛି ଅନିଷ୍ଟ ହେବ ନାହିଁ । ବର୍ତ୍ତିମାନ ପୂର୍ବାପେକ୍ଷା ସାହାଯ୍ୟ କର୍ମ ସୁନ୍ଦର ରୂପେ ଚଳୁ ଅଛି ଓ ସହରରେ ସର୍ବପ୍ରକାର ଦୁଃଖୀଙ୍କ ସକାଶେ ଯେ ରୂପ ଅନ୍ନଛତ୍ର ଅଥବା କର୍ମ କରାଇବା ଦ୍ୱାରା ଆହାର ଦେବାର ଶୃଙ୍ଖଳା ହୋଇଅଛି ସେଥିରେ ନିରୂପାୟ ବ୍ୟକ୍ତିମାନଙ୍କେ ସାହାଯ୍ୟପାଇ ପାରିବ । ଶ୍ରୀଯୁକ୍ତ କକୁଜ ସାହେବ ଏ ସମସ୍ତ ବିଷୟରେ ଯତ୍‌ପରୋନାସ୍ତି ପରିଶ୍ରମ ଓ ସଦୁପାୟ କରି ଅଛନ୍ତି ଓ ଯେ ବିଜ୍ଞାପନମାନ ସହରରେ ସେ ପ୍ରଚାର କରି ଅଛନ୍ତି ସେଥିରୁ ସହରର କଙ୍ଗାଳମାନଙ୍କର କୌଣସି ଅଭାବ ଥିବାର ଦେଖାଯାଉ ନାହିଁ ।

Digitized by srujanika@gmail.com

Split by PDF Splitter



ଅକ୍ଷମ ବନ୍ଦୀ ପାଇଁ ଅନ୍ନଛତ୍ର ରୋଗିପାଇଁ ହସପତାଲ ଓ ବଳବାନ୍ ଅଥବା ଅଳ୍ପ ପରିଶ୍ରମର କର୍ମ କରିବା ବ୍ୟକ୍ତି ପାଇଁ କାରଖାନା ଘର ଓ ସଡ଼କ ଇତ୍ୟାଦି କର୍ମ ପ୍ରଚୁର ରୂପେ ଆୟୋଜନ ହୋଇ ଅଛି ଓ ସେମାନେ ଅକ୍ଲେଶରେ ଆହାର ପାଉ ଅଛନ୍ତି । ଏପରି ବଜାରରେ ଯେରୂପ ଚାଉଳ ସୁଲଭ ଦେଖା ଯାଉଅଛି ତାହା ଯଦ୍ୟପି କ୍ଷଣସ୍ଥାୟୀ ନୁହେ ତେବେ ଅଳ୍ପ ଦରରେ ବିକ୍ରି କରିବାର କିଛି ଆବଶ୍ୟକ ନାହିଁ ।

ଯଦ୍ୟପି ଅଳ୍ପ ଉପାୟ ଲୋକଙ୍କୁ ସରକାର ଯଥାର୍ଥ ଦରରେ ବିକ୍ରି ଦ୍ୱାରା ସାହାଯ୍ୟ ଦେବାକୁ ଚାହାନ୍ତି ତେବେ ଆମ୍ଭେମାନେ ପ୍ରସ୍ତାବ କରୁଁ ଯେ ମାସକୁ ୫୧୦ଙ୍କାର ଅନଧିକ ବେତନ ଭୋଗୀ ଚାକର ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ଭଲ ଚାଉଳ ସେ୧୨ର ଓ ଧାନୁଆ ସେ୧୦ର ଭାଉରେ ଏହି ନିୟମରେ ବିକ୍ରି ହେଉ ଯେ ବଜାରରେ ଏ ଭାଉରେ ଚାଉଳ ପ୍ରାପ୍ତ ହେଲେ ଏ ସାହାଯ୍ୟ ରହିତ ହେବ ଓ ଯେଉଁମାନେ ଆପଣା ମୁନିବର ଅଥବା ଅନ୍ୟ କୌଣସି ଭଦ୍ରଲୋକର ମାରଫତ ନିଶ୍ଚିତ ହେବେ ସେମାନେ ଆପଣା ସୁବିଧାନୁସାରେ ଏକାଥରେ ଅଥବା ସମୟରେ ଯେତେ ଚାଉଳ ଚାହିଁବେ ମେମ୍ବରମାନଙ୍କ ଠାରୁ କିଣିବାକୁ ପାରିବେ । କେବଳ ଏହି ସୀମା ଥିବ ଯେ ସେମାନେ ବେତନର ଦୁଇ ଅଂଶର ଅଧିକ ଏକ ମାସରେ ନେଇ ନ ପାରିବେ ।

---

## ଯେ ରକ୍ଷକ ସେ ଭକ୍ଷକ

ଶ୍ରୀଯୁକ୍ତ କର୍ଲ୍ଡ଼ ସାହେବ ଅସିଷ୍ଟାଣ୍ଟ କଲେକ୍ଟର ଓ ମେଜେଷ୍ଟ୍ରରଙ୍କ ନାମରେ ଫୌଜଦାରୀ ଅଦାଲତରେ ମାରପିଟ ଅଭିଯୋଗର ଏକ ମକଦ୍ଦମା ପୁନର୍ବାର ଦାଏର ହୋଇଥିଲା ମାତ୍ର ସୌଭାଗ୍ୟବଶତଃ କର୍ଲ୍ଡ଼ ସାହେବ ସେଥିରୁ ଅକ୍ଲେଶରେ ମୁକ୍ତ ପାଇଲେ । ଫରିଆଦୀ ଜୟପୁର ନଦୀର ଇଜାରାଦାର ସେ କହେ ଯେ କର୍ଲ୍ଡ଼ ସାହେବ ମଫସଲର ଅନ୍ନଛତ୍ର ଇତ୍ୟାଦି ତଦାରଖ ନିମନ୍ତେ ଯାଇ ଜୟପୁର କୋଠିରେ ଥିଲେ ଗତ ଅଗଷ୍ଟମାସ ତା ୨୫ ରିଖ ରାତ୍ର ଦଶ ବାଜିବା ସମୟରେ ଇଜାରାଦାର କମ୍ବା ନାବିକ କେହି ଘାଟରେ ଉପସ୍ଥିତ ନଥିବାରୁ ଇଜାରାଦାରଙ୍କୁ ତାହାଘରୁ ଡକାଇ ଆଣିଲେ ସେ ଉପସ୍ଥିତ ହେବାରୁ ନଦୀପାର କରିବା କାରଣ ତାକୁ କହିଲେ । ଇଜାରାଦାର ସାହେବଙ୍କ ଆଜ୍ଞା ପ୍ରତିପାଳନରେ ତତ୍ପର ନ ହୋଇ କିଛି ଓଜର କରିବା ମାତ୍ରକେ ସାହେବ ରାଗାନଳେ ପତିତ ହୋଇ ତାହା ମସ୍ତକରେ ସ୍ୱ ହସ୍ତେ ପାଞ୍ଚ ସାତ ଚପେଟା ଘାତକଲେ ଓ ତାହା ଚୁଟିଧରି ତଳେ କର୍କର ଉପରେ ଘୋଷାଡ଼ିଲେ । ଏଥିରେ ମଧ୍ୟ ସାହେବଙ୍କର ରାଗ ଶାନ୍ତ ନ ହେବାରୁ

Digitized by srujanika@gmail.com

Split by PDF Splitter



ଚପରାସୀକୁ ହୁକୁମ ଦେବାରୁ ସେ ଏକବାଡ଼ିରେ ତାକୁ ଅନେକ ପ୍ରହାର କଲା ଏଥିରେ ତାହାର ଅଧିକ ଶାରୀରିକ ପୀଡ଼ା ହୋଇଥିଲା ଏବଂ ଡାକ୍ତର ସାହେବଙ୍କର ସାର୍ଟିଫିକେଟରୁ ପ୍ରକାଶ ଯେ ତାହାର ହସ୍ତରେ ଏକଶକ୍ତ ଆଘାତ ହୋଇଅଛି । ଏମକଦ୍ଦମା ଶ୍ରୀଯୁକ୍ତ ଟେଲର ସାହେବ ଡେପୋଟୀ ମେଜେଷ୍ଟ୍ରେଟଙ୍କ ସପୋର୍ଦ ହୋଇ ଥିଲା ମାତ୍ର ନିରୂପିତ ତାରିଖରେ ବାଦୀ ଅଦାଲତରେ ଉପସ୍ଥିତ ନ ହେବାରୁ ମକଦ୍ଦମା ଡିସ୍‌ମିସ ହୋଇଗଲା ।

କଲୁଁଡ଼ ସାହେବ ହାକିମ ହୋଇ ଯେ ଅନେକ ଲୋକଙ୍କୁ ମାରପିଟ କରୁ ଅଛନ୍ତି ଏହାଅତି ଖେଦଜନକ ବିଷୟ ଅଟେ । ସେ ଏଠାକୁ ଆସିଲା ଦିନୁଁ ପ୍ରାୟ ଛ ସାତଜଣ ସରକାରୀ କାର୍ଯ୍ୟକାରକ ଏବଂ ଭଦ୍ର ଲୋକଙ୍କୁ ମାରପିଟ କରି ଅଛନ୍ତି ତାଙ୍କର ପ୍ରଥମମାରପିଟ ସଲକାଶିଗୁଉଲ ଗୋଦାମ ଦାରୋଗା ଦୁଲ୍ଲଭନାଥ ରାୟ ଉପରେ ଆରମ୍ଭ ହୁଏ । ସାହେବ ଗୋଦାମକୁ ଆସିବାବେଳେ ଉକ୍ତ ଦାରୋଗା ସେଠାରେ ଉପସ୍ଥିତ ନ ଥାଇ ଆପଣା ବସାରେ ଥିଲା । ସାହେବ ତାକୁ ଗୋଦାମଘରେ ଅନୁପସ୍ଥିତ ଦେଖି କ୍ରୋଧ ବିଶିଷ୍ଟ ହୋଇ ତାହା ବସାଠାକୁ ଯାଇ ତାହା ଘର ମଧ୍ୟରେ ତାକୁ ମାରପିଟ କଲେ ଏହେତୁ ସେ ଆପଣା କର୍ମରେ ଇସ୍ତଫା ଦେଲା । ତଦପରେ ମଥୁର ମୋହନ ସେନ ଏକ ଗୁଡ଼ଲ ଦାରୋଗାକୁ ମାରପିଟ କରିବାରେ ସେମଧ୍ୟ ଆପଣା କର୍ମରେ ଇସ୍ତଫା ଦେଲା । ତଦପରେ ସହର ଓବ୍ରେସିୟର କାହ୍ନୁରାମ ଚକ୍ରବର୍ତ୍ତିଙ୍କୁ ଯେରୂପ ପ୍ରହାରକଲେ ତାହା ଆମ୍ଭେମାନେ ଏଥି ପୂର୍ବ ଲେଖିଅଛୁଁ । ଏଥିରେ ଅମ୍ଭମାନଙ୍କର ଭରସା ହୋଇଥିଲା ଯେ ଭବିଷ୍ୟତରେ ସାହେବ ଏପରି ଅତ୍ୟାଚାର ଆଉ ନ କରିବେ ମାତ୍ର କିଯତ୍ ଦିବସ ପରେ ସାହେବ ଲାଲବାଗ ଅନ୍ନଛତ୍ରର ଏକ ପାଚକ ବ୍ରାହ୍ମଣକୁ ମାରପିଟ କରି ସେ ଆଶା ବିଫଳ କଲେ ତଦ୍‌ବାଦ ମଧୁ ବେହେରା ନାମକ ଏକ କନଷ୍ଟବଲକୁ ମାରପିଟ କରିବାରେ ମେଜେଷ୍ଟ୍ରର ସାହେବ ସେ ବିଷୟ ପୁଲିସ ସୁପ୍ରନ୍‌ଡେଣ୍ଟଙ୍କ ଠାରୁ ଜ୍ଞାତ ହୋଇ ତାଙ୍କୁ ଏପରି ଅତ୍ୟାଚାର ନ କରିବା ଇତ୍ୟାଦି ବିଷୟରେ ତାକିଦ ଚିଠି ଲେଖିଲେ । ତଥାଚ କଲୁଁଡ଼ ସାହେବ ଆପଣାର କୁସ୍ୱଭାବ ପରିତ୍ୟାଗ କରୁନାହାନ୍ତି ।

ଉପରୋକ୍ତ ମାରପିଟମାନଙ୍କ ବ୍ୟତିରେକେ କଲୁଁଡ଼ ସାହେବ ବେହେରା ଓ କୁଲିଙ୍କୁ ଅନେକ ଥର ମାରପିଟ କରିଥିବାର ଶୁଣାଯାଇ ଅଛି ସୁତରାଂ ତାଙ୍କୁ ଏକ ମାରହଟା ଫିରଙ୍ଗୀ କହିଲେ କୁହାଯାଇପାରେ । ଫୌଜଦାରୀ ହାକିମ ସ୍ୱରୂପେ ଶାନ୍ତି ରକ୍ଷା ତାଙ୍କର କର୍ତ୍ତବ୍ୟ କର୍ମ ମାତ୍ର ସେ ସ୍ୱୟଂ ବାରମ୍ବାର ଶାନ୍ତି ଭଙ୍ଗ କରୁଅଛନ୍ତି । ଏହା ଅତି ଆଶ୍ଚର୍ଯ୍ୟ ଓ ଖେଦଜନକ ବିଷୟ ଅଟେ । ଶୁଣିବାରେ ସାହେବଙ୍କର ରାଗରିପୁ ଏପରି ପ୍ରଚଣ୍ଡ ଅଟେ ଯେ ତାଙ୍କ ଠାରେ କୌଣସି ବ୍ୟକ୍ତି

Digitized by srujanika@gmail.com

Split by PDF Splitter



କିନ୍ତୁ ଓକିଲ କଲମାନଙ୍କରେ ସେ ହଠାତ୍ ଅତିଶୟ ଗର୍ବାନ୍ୱିତ ହୋଇ ଉଠନ୍ତି ସେଉଁ ବ୍ୟକ୍ତି କ୍ରୋଧର ଏପରି ବଶୀଭୂତ ସେ କି ପ୍ରକାରରେ ବିଚାର କର୍ତ୍ତା ପଦର ଉପଯୋଗୀ ହେବେ ? ଆମ୍ଭେମାନେ କଲ୍‌ଭିଙ୍ଗ ସାହେବଙ୍କୁ ଜଣାଉ ଅଛୁଁ ଯେ ସେ ଆପଣା ଚରିତ୍ର ସଂଶୋଧନ ପୂର୍ବକ ଶାନ୍ତ ସ୍ୱଭାବ ଧାରଣ ନ କଲେ ପ୍ରଜାମାନଙ୍କର ମନୋନୀତ ହାକିମ ହୋଇ ନ ପାରିବେ ଓ ତାଙ୍କ ପ୍ରତି ସର୍ବ-ସାଧାରଣଙ୍କର ହତଶ୍ରଦ୍ଧା ହେବ ।

---

## ସପ୍ତାହିକ ସମ୍ବାଦ

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଜଣାଉଅଛୁଁ ଯେ କଟକର ସରକାରୀ ଉକିଲ ଶ୍ରୀଯୁକ୍ତ ବାବୁ ଶ୍ରୀରାମ ଘୋଷଙ୍କ ପୁତ୍ର ଶ୍ରୀ ରଘୁନାଥ ଘୋଷ ସିରୋମଣି ପୁରୁଷୋତ୍ତମ କ୍ଷେତ୍ରରେ ଗ୍ରହଣୀ ରୋଗରେ କାଳ ପ୍ରାପ୍ତ ହୋଇ ଅଛନ୍ତି । ଏବଂ ଏ ଘଟଣାର ଏକ ସପ୍ତାହ ପୂର୍ବେ କଟକରେ ଶ୍ରୀ ଜାନକୀ ପ୍ରସାଦ ଗୁପ୍ତ ଓଲଉଠା ରୋଗରେ ଗତ ସୋମବାର ଦିନ ସଂସାର ପରିତ୍ୟାଗ ପୂର୍ବକ ନିତ୍ୟନିବାସ ସ୍ଥାନକୁ ଗମନ କରି ଅଛନ୍ତି । ପ୍ରଥମ ଲେଖିତ ବ୍ୟକ୍ତି ସଙ୍ଗୀତ ବିଦ୍ୟାର ଯଥାର୍ଥ ଗ୍ରାହକ ଓ ସିତାରାଦି ନାନାପ୍ରକାର ବାଦ୍ୟ ରେ ସୁଶିକ୍ଷିତ ଓ ଶ୍ରେଷ୍ଠ ବୋଲି ଗଣ୍ୟହୋଉ ଥିଲେ । ବିଦେଶୀ ଗାୟକ ଓ ବାଦ୍ୟକାରକ ଯେ ଯେତେବେଳେ ଏ ସହରକୁ ଆସୁଥିଲେ ସେ ଏହାଙ୍କଠାରେ ଯଥାରୂପ ସମ୍ମାନ ପାଉଥିଲେ ଏବଂ ଏହାଙ୍କ ଗୁଣର ପ୍ରଶଂସା ମଧ୍ୟ କରୁଥିଲେ । ଜାନକୀ ପ୍ରସାଦଗୁପ୍ତଙ୍କ ପରିଚୟ ପ୍ରାୟ ଓଡ଼ିଶାରେ କାହାଠାରେ ଗୁପ୍ତ ନାହିଁ । କଟକ ମଧ୍ୟରେ ସେ ସଙ୍ଗୀତ ବିଦ୍ୟାରେ ସେ ଅଦ୍ୱିତୀୟ ଥିଲେ ଯେ ମଜଲିସରେ ଉକ୍ତ ମହାଶୟ ଉପସ୍ଥିତ ନାହାନ୍ତି ସେ ମଜଲିସ ମଧ୍ୟରେ ଗଣ୍ୟହେଉ ନଥିଲା ସେ ବୟସରେ ପୁରାତନ ଥିଲେ ମାତ୍ର ତାଙ୍କ ଗାୟନ ସମୟରେ ତାଙ୍କର ସ୍ୱର ଅଳ୍ପ ବୟସ୍କ ବାଳକର କଣ୍ଠ ସ୍ୱରରୁ ମଧୁର ଥିଲା । ଏହା ଅନ୍ତାଭାବରେ ଆମ୍ଭ-ମାନଙ୍କ ଯଥେଷ୍ଟ କ୍ଲେଶ ହେଉଅଛି ଯେ ସମୟରେ ଏହାଙ୍କ ସଙ୍ଗୀତରୁ କର୍ଣ୍ଣ ଦ୍ୱାରା ଅମୃତପାନ କରି ସୁଖ ଲାଭ କରୁଥିଲୁଁ ସେଥିରୁ ଈଶ୍ୱର ଆମ୍ଭଙ୍କୁ ବଞ୍ଚିତ କଲେ । ଲୋକେ କହୁଅଛନ୍ତି ଯେ ଲକ୍ଷ୍ମୀ ସରସ୍ୱତୀଙ୍କର ବିବାଦ ଥାଏ ମାତ୍ର ଓଡ଼ିଶାର ବର୍ତ୍ତମାନ ଦୁର୍ଗତିବର୍ଦ୍ଧନ କରିବା ସକାଶେ ଲକ୍ଷ୍ମୀ ଓ ସରସ୍ୱତୀ ଦୁହେଁ ଏକତ୍ର ହୋଇ ଅଛନ୍ତି ।

ଆମ୍ଭେମାନେ ଅବଗତ ହେଲୁଁ ଯେ ଗଲତ ମାସ ତା ୮ ରିଖରେ ସରକାରୀ ଟଙ୍କା ଲୁଟ ହୋଇ ଅଛି । ଜଆଲି ହାଟରୁ ପଟାମୁଣ୍ଡେଇକୁ କେତେ ସରକାରୀ ଗୁଡ଼ିଏ ବନ୍ଦି ଟଙ୍କା ନଦୀ ପଥରେ ଆସୁଥିଲା ସେ ନୌକାରେ ଜନସ୍ତବଳ ତପସ୍ୱୀ

Digitized by srujanika@gmail.com

Split by PDF Splitter



ଓଗେର ପ୍ରାୟ ୬।୮ ଜଣ ମନୁଷ୍ୟ ଥିଲେ ଗୋଟି ଦୁଇ ବାଙ୍କଡା ମସ୍ତକରେ ତେଲେଙ୍ଗା ଲୋକ ବାଡି ଇତ୍ୟାଦି ସହିତ ନୌକାକୁ ଆକ୍ରମଣ ପୂର୍ବକ କନେଷ୍ଟବଲଙ୍କୁ ଯଥେଷ୍ଟ ପ୍ରହାର କରି ସରକାରୀ ଟଙ୍କା ନେଇ ଗଲେ । ମକଦ୍ଦମା ପୁଲିସଦ୍ୱାରା ତଦାରଖ ହେଉଅଛି ଓ ୮ ଜଣ ଆସାମୀ ଏକର୍ମ କରିଥିବାର ରିପୋର୍ଟ ହୋଇଅଛି । ଆମ୍ଭେମାନେ ପଚ୍ଛୁରୁ ଅଛୁଁ ଯେ ପୁଲିସକୁ ବନ୍ଧୁକ ଓ ସଙ୍ଗିନ ଦେବାର କି ଫଳ ଓ ବୋଟିଆଙ୍କ ପରି ଲୁଗ୍ଗୁକୁ କାହିଁ ପାଇଁ ଏତେ ଗୁଡାଏ ଲୁହାର ବୋଝ ବହନ୍ତି ? ନୌକାରେ ପ୍ରାୟ ୮ଜଣ ଲୋକ ଥିଲେ ମାତ୍ର ୮ଜଣ ମନୁଷ୍ୟ ବାଡିଦେଇ ଟଙ୍କା ଛଡ଼ାଇ ନେଲେ ଓ କନେଷ୍ଟବଲମାନେ ଗୋଟାକୁ ସୁଦ୍ଧା ଭୂଷାଣ୍ଡୁ ଧିକ୍ତ କି ଆଘାତ କରି ନ ପାରିଲେ । ସରକାରୀ ଟଙ୍କାରେତ ଏହାଙ୍କର ଏ ଅବସ୍ଥା ଏ ପୁଣି ଆମ୍ଭମାନଙ୍କର ସମ୍ପତ୍ତିରକ୍ଷା କରିବେ । ଏଠାରେ ଗତ ରବିବାର ଠାରୁ ସରକାରୀ ଉତ୍ତମ ଚାଉଳ କ୍ରମେ ୧ଟଙ୍କାକୁ ସେର୬ ଓ ୭୮ ପର୍ଯ୍ୟନ୍ତ ବଢିଅଛି ଓ ଧାଳୁଆ ଚାଉଳ ସେ ୧୦ରରେ ବିକ୍ରି ହେଉଅଛି ଏଥିରେ ଲୋକମାନଙ୍କର ଯେ କି ପର୍ଯ୍ୟନ୍ତ ଆନନ୍ଦ ହୋଇଅଛି ସେ ଚାଉଳର ବର୍ତ୍ତମାନ ସୁଲଭ ସଙ୍ଗେ ରବିଆଲି ଫସଲର କୌଣସି ସମ୍ପର୍କ ନାହିଁ । ଗଞ୍ଜାମ ଓ ସମ୍ବଲପୁରରୁ ଜଳପଥରେ ଅଧିକ ପରିମାଣରେ ଚାଉଳ ଓ ଅନ୍ୟାନ୍ୟ ଶସ୍ୟ ଆମଦାନୀ ହେଉ ଥିବାରୁ ଏଫଳ ହୋଇ ଅଛି । ବନ୍ଦରଠାରୁ ମଧ୍ୟ ୬।୮ଖଣ୍ଡ ଦେଶୀ ସୁଲୁପ ଚାଉଳ ଓ ବାଜରା ଓଗେର ରକମ ନେଇ ମାନ୍ଦ୍ରାଜ ଇଲକାରୁ ଆସିଅଛି ଯଦ୍ୟପି ଦେଶର ଉତ୍ପନ୍ନ ଯଥେଷ୍ଟ ପରିମାଣରେ ହେବାରୁ ଏ ଫଳ ହୋଇଥାନ୍ତା ତାହାହେଲେ ନୂଆ ବିଆଲି ଚାଉଳ ଶସ୍ତା ହୋଇଥାନ୍ତା ଓ ମଧ୍ୟ ମଫସଲରୁ ଲୋକମାନେ ସହରକୁ ଚାଉଳ କିଣିବାକୁ ଆସନ୍ତେ ନାହିଁ । ଅତଏବ ଅମ୍ଭେମାନେ ଆଶା କରୁଁ ଯେ ସରକାର ବଜାରର ଅବସ୍ଥା ଦେଖି ଚାଉଳ ଅଣାଇ ବାରୁ କ୍ଷାନ୍ତ ନ ହେବେ । ଅବଧି ବର୍ଷା ଓଜନଦା ବୃଦ୍ଧିରୁ ଆଗତ ଶସ୍ୟରକ୍ଷା ପାଇବାର ଆଶା ଦେଖା ଯାଉ ନାହିଁ, ଓ ସାରଧ ଫସଲର ଅବସ୍ଥା ଉତ୍ତମ ରୂପେ ଜଣା ନପଡିବା ପର୍ଯ୍ୟନ୍ତ ସରକାରୀ ଚାଉଳ କାରବାର ଚଳୁଥାଉ ।

କଲିକତା ହାଇକୋର୍ଟର ସମସ୍ତ ଜଜମାନେ ଏକତ୍ରରେ ବସି ଆଜ୍ଞା କରି ଅଛନ୍ତି ଯେ ଅପିଲରେ ମକଦ୍ଦମା ସାନ୍ଧ ତରଜ୍ଜବାଜର ସକାଶେ ଫେରି ପଠାଗଲେ ଦାବୀର ଯେ ଅଂଶ ପକ୍ଷରେ ସାନ୍ଧ ତଜବଜର ଆଜ୍ଞା ହେବ ସେ ଅଂଶର ଷ୍ଟାମ୍ପ ମୂଲ୍ୟ ଅପିଲାଣ୍ଟଙ୍କୁ ଓ୍ୟାପସ ଦିଆଯିବ । ଚିଫ ଜଷ୍ଟିସଙ୍କ ବିବେଚନାରେ ଆଇନର ଅଭିପ୍ରାୟ ଏହି ଯେ ଯେଉଁ ଠାରେ ଅପିଲରେ ଚୂଡାନ୍ତ ହୁକୁମ ନ ହେବାରୁ ଅପିଲ ଦରଖାସ୍ତରେ ଦିଆଯାଇଥିବା ଷ୍ଟାମ୍ପ ମାସୁଲ ନିଷ୍ଫଳ ହେଲ ସେଠାରେ ଦରଖାସ୍ତକାରୀ ଓ୍ୟାପସ ପାଇବାର ହକଦାର ଅଛି । ଫଏସଲ ତା ୨୨ ରିଖମାହେ ଅଗଷ୍ଟ ସନ୍ ୧୮୬୭ ମସିହା ଦୁର୍ଗାଦାସ ଓଗେର ମୁଦ୍ଦଲ ରସଧାଉଣ୍ଡ ମାନେ ।

Digitized by srujanika@gmail.com

Split by PDF Splitter



ଉତ୍କଳଦେଶର ଯେଉଁ ବଙ୍ଗାଳୀମାନେ କଲିକତାରେ ସାହାଯ୍ୟ ପାଉଅଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ଲୋକ ଆପଣା ଆପଣା ଘରକୁ ଫେରି ଆସିବାକୁ ଗୃହିବାରେ କଲିକତାର ସାହାଯ୍ୟ କମିଟୀଙ୍କ ସୁପାରିସ ମତେ ବୋର୍ଡ ସେମାନଙ୍କୁ ଫିରୋଜ ନାମକ ଯାହାଜରେ ବାଲେଶ୍ୱର ବନ୍ଦରଘର ଓ ପୁରୀକୁ ପଠାଉଅଛନ୍ତି ।

କଙ୍ଗାଳିଙ୍କ ସକାଶେ ଏଥର ଲାଲବାଗ ହତାରେ ପ୍ରବେଶ କରିବା କଠିନ ହେଲା । ହତା ମଧ୍ୟରେ ଯେଉଁଠାରେ ସେଉଁଠାରେ ତ ବିଶେଷତଃ ପାଟକ ପାଖରେ କଙ୍ଗାଳିମାନେ ଏ ରୂପ ମଇଳା କରି ଅଛନ୍ତି ଯେ ବିଷ୍ଠାଗନ୍ଧରେ ସେ ବାଟରେ ଯିବାର କଷ୍ଟ । ମେଯଷ୍ଟ୍ରର ସାହେବ ସହର ପରିଷ୍କାର ନିମନ୍ତେ ଗାଡ଼ି ପ୍ରସ୍ତୁତ କରି ପ୍ରତ୍ୟହ ସହରରେ ବୁଲାଉ ଅଛନ୍ତି ମାତ୍ର ଆପଣା କଚେରି ପାର୍ଶ୍ୱରେ ଏତେ ମଇଳା ହେବା ପ୍ରତ୍ୟକ୍ଷେ କିଛିମାତ୍ର ବିରକ୍ତ ହେଉନାହାନ୍ତି । କଥାରେ କହନ୍ତି ଯେ ମୂଲିଆ ଆପଣା ଘର ଛାଇପାରେ ନାହିଁ ଏହା ଯଥାର୍ଥ ଅଟେ ଆମ୍ଭେମାନେ ଅନୁରୋଧ କରୁ ଅଛୁଁ ଯେ ସାହାଯ୍ୟ ଟଙ୍କାରୁ ମେହନ୍ତର ନିଯୁକ୍ତ କରି ଏସ୍ଥାନମାନ ପରିଷ୍କାର କରାଉନ୍ତୁ ଏବଂ କଙ୍ଗାଳିଙ୍କ ସକାଶେ ପାଇଖାନା ପ୍ରସ୍ତୁତ କରି ଦେଉନ୍ତୁ ଯେ ସେମାନେ ଅନ୍ୟ ସ୍ଥାନ ଅପରିଷ୍କାର କରିବେ ନାହିଁ ।

ପୁରୀ ଜିଲାର କଲେକ୍ଟର ଶ୍ରୀଯୁତ ଟି. ଏନ୍. ବାର୍ଲୋ ସାହେବ ଛଅ ବରଷ ଛୁଟି ନେଇ ବିଲାତଯାଉ ଅଛନ୍ତି । ପ୍ରଶଂସିତ ସାହେବ ଦୁର୍ଭିକ୍ଷ ପୀଡ଼ିତ ଲୋକମାନଙ୍କ ଦୁଃଖ ବିଷୟରେ ବିଶେଷ ସଫଳ ପରିଶ୍ରମ କରୁଥିଲେ । ଅତ୍ୟନ୍ତ ଦୁଃଖର ବିଷୟ ଯେ ସେ ଏ ସମୟରେ ଏ ଦେଶରୁ ଯାଉଅଛନ୍ତି ଆମ୍ଭେମାନେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଁ ଯେ ସେ ସର୍ବ କୁଶଳରେ ପୁନର୍ବାର ଏଦେଶକୁ ପ୍ରତ୍ୟାଗମନ କରିବେ । ଆମ୍ଭେମାନେ ଶୁଣୁଅଛୁଁ ତାହାଙ୍କ କର୍ମରେ ଏଚ୍. ସି. ରେବନ୍ ସାହେବ ନିଯୁକ୍ତ ହୋଇଅଛନ୍ତି ଏ ମଧ୍ୟ ଉତ୍ତମ କାର୍ଯ୍ୟକ୍ଷମ ଥିବାରୁ ଶୁଣାଯାଏ ଆମ୍ଭେମାନେ ଭରସା କରୁଁ ଯେ ରେବନ ସାହେବ ବାର୍ଲୋସାହେବଙ୍କ ପରି ଲୋକଙ୍କର ଆଦରଣୀୟ ହେବେ ।

ଆମ୍ଭେମାନେ ଅବଗତ ହେଲୁଁ ଯେ ପୁରୀ ଜିଲାର କେତେକ ପରଗଣାରେ ଧାନ ଫସଲ ଧୋଇରେ ବିବାକ ନଷ୍ଟହୋଇଅଛି । ସେହି ଭୂମିରେ ପଟୁ ପଡ଼ି ଥିବାରୁ ରବିଫସଲ ଉତ୍ତମ ହେବାର ସମ୍ଭାବନା ଆମ୍ଭେମାନେ ଶୁଣିଲୁଁ ଯେ ଜିଲାରେ ରବି ବିହନ ଅପ୍ରାପ୍ତ ହେବାରୁ ଶ୍ରୀଯୁତ କମିସନର ସାହେବ ତାହା ଗଞ୍ଜାମ ଜିଲାରୁ ଅଣାଇବା ନିମନ୍ତେ ବିଶେଷ ଯତ୍ନ କରୁଅଛନ୍ତି ।

କଟକ ଡାକ୍ତର ଶ୍ରୀଯୁତ ଯେ ଏମ ଫୋଟ୍ସ ସାହେବ ହାଜାରିବାଗ ଜିହଲଖାନାରେ ସୁପ୍ରିନଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହେବାରୁ ଅବିଲମ୍ବେରେ ଏଠାରୁ ପ୍ରସ୍ଥାନ କରିବେ ।

Digitized by srujanika@gmail.com

Split by PDF Splitter



ଢ଼ାକାରେ ଏକ ମୁସଲମାନର ଯୁବା ଦୁହିତା ରୋମାନ୍ କାଥଲିକ ଖ୍ରୀଷ୍ଟିୟାନ ଧର୍ମ ଅବଲମ୍ବନ କରିଅଛନ୍ତି । ଏଥିରେ ଢାକା ନୟୁଜ ପତ୍ରିକା କହନ୍ତି ଯେ ସେହି ଧର୍ମାବଲମ୍ବୀ ଏକ ପୁରୁଷ ସଙ୍ଗେ ପ୍ରଣୟ ପାଶରେ ବଦ୍ଧହୋଇ ତାଙ୍କୁ ବିବାହ ହେବା ଅଭିଳାଷରେ ସ୍ତ୍ରୀ ଖ୍ରୀଷ୍ଟିୟାନମାନଙ୍କ ଦଳଭୁକ୍ତ ହୋଇଅଛି ।

ହିନ୍ଦୁ ପେଟ୍ରିୟଟ କହନ୍ତି ଯେ କଲିକତାସ୍ଥ ଚିତପୁର ଅନ୍ନଛତ୍ରରେ ଏକ ହଜାର କଙ୍ଗାଳଙ୍କୁ ଓଦନ ଖିଆଇବା ନିମନ୍ତେ ଶ୍ରୀ ବାବୁ ରାଜେନ୍ଦ୍ର ଲାଲ ମଲ୍ଲିକ ମାସକୁ ଟ ୩୦୦୦ଙ୍କା ଦେଉ ଅଛନ୍ତି ଏତଦ୍ ବ୍ୟତିରିକ୍ତ ଆପଣା ଘରଠାରେ ପ୍ରତ୍ୟହ ୧୦୦ କଙ୍ଗାଳି ସଦାପ୍ରଚଳିତ ନିୟମାନୁସାରେ ଖୁଆଉଅଛନ୍ତି । ଏପରି ଲୋକମାନେ ଧନୀ ହେବାର ସାର୍ଥକ ।

ଏଡୁକେସନ୍ ଗେଜେଟରେ ପାଠକଲୁଁ ଯେ ଆଉଶ ଅର୍ଥାତ ଶଆଳ ଫସଲ ଏଥର ବଙ୍ଗଦେଶରେ ସବୁଆଡ଼େ ଉତ୍ତମ ହୋଇ ଅଛି । ମେଦନିପୁର ବର୍ଦ୍ଧମାନ ଓ ହୁଗୁଲି ଇତ୍ୟାଦି ସ୍ଥାନରେ ଉତ୍ତମ ହୋଇଅଛି । ବନଗ୍ରାମରେ ଷୋଳଅଣା କ୍ଷେତ ମିର୍ଜାପୁର ଓ ରାଣୀ ଘାଟରେ ଏରୂପ ଧାନ୍ୟ ହୋଇ ଅଛି ଯେ ଅନେକ ବର୍ଷ ହେଲା ସେପରି ହୋଇ ନ ଥିଲା । ମୁରଶିଦା ବାଦ ପାବନା, ରାଜସାହି, ପୂର୍ଣ୍ଣିୟା ଇତ୍ୟାଦି ଜିଲାରେ ସମାନ ରୂପ ସୁଶସ୍ୟ ହୋଇଅଛି ।

ଉକ୍ତ ପତ୍ରିକା ଆହୁରି ଶ୍ରବଣକରି ଅଛନ୍ତି ଯେ ବଙ୍ଗଦେଶସ୍ଥ ଅଦାଲତ ସମୁହର ବେତନ ବୃଦ୍ଧି ଉଚିତ କିନା ଏହା ତଦନ୍ତ ଓ ବିଚାର କରିବା କାରଣ ଗବର୍ଣ୍ଣମେଣ୍ଟ ଗୋଟିଏ କମିଟୀ ନିଯୁକ୍ତ କରି ଅଛନ୍ତି । ବର୍ତ୍ତମାନ କାଳରେ ସର୍ବାପେକ୍ଷା ଆମଲାଙ୍କ ଅବସ୍ଥା ଅଧମନ୍ଦ ହୋଇ ଅଛି । ସତେକି ଗବର୍ଣ୍ଣମେଣ୍ଟ ତାହାଙ୍କ ଦୁର୍ଦ୍ଦଶା ମୋଚନ କରିବେ ?

---

## ପ୍ରେରିତ ପତ୍ର

ବହୁଗୁଣ ସମ୍ପନ୍ନ ଶ୍ରୀଯୁତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ସମ୍ପାଦକ ମହାଶୟ,

ଯଥା ବିଧାନେ ସମ୍ମାନ ପୁରଃସର ନିବେଦନ ଏହି କି କିମ୍ବଦନ୍ତୀରେ ମହାଶୟଙ୍କ ଦୀପିକାର ତାଳଦଣ୍ଡା ଲୁହଲ ଗୋଦାମ ଦାରୋଗା କଙ୍ଗାଳି ମହାପାତ୍ର ଓ ତାହାର ଅଧୀନ ଚପରାଶି ଓ ଦଣ୍ଡିଦାର ଓଗେରେ କିରୂପ ସରକାରୀ ଲୁହଲ ଅପବ୍ୟୟ

Digitized by srujanika@gmail.com

Split by PDF Splitter



ଜଣବାବୁ କାର୍ଯ୍ୟଚ୍ୟୁତ ହୋଇ ଫୌଜଦାରୀ ସପୋର୍ଦ୍ଦ ହୋଇ ଅଛନ୍ତି ମକଦମା କେନ୍ଦ୍ରାପଡ଼ା ଅସିଷ୍ଟାଣ୍ଟ ମେଜେଷ୍ଟ୍ରରଙ୍କ ସାକ୍ଷାତେ ଉପସ୍ଥିତ ହୋଇ ଥିବାର ଉଲ୍ଲେଖ ଅଛି ମହାଶୟ ଗତ ଆଶ୍ୱିନ ଜନରବ କଙ୍ଗାଳ ମହାପାତ୍ର ତଣ୍ଡୁଲ ବଣ୍ଟି କରିବା କର୍ମେ ନିଯୁକ୍ତ ହୋଇ ଚଳିତସନ ଅଗଷ୍ଟ ମାସ ତା ୧୦ ରିଖ ପର୍ଯ୍ୟନ୍ତ ବଣ୍ଟି କର୍ମ ଶୃଙ୍ଖଳା ମତେ ନିର୍ବାହ କରୁଥିଲେ ଦୈବାତ୍ ନଦୀବୃଦ୍ଧି ହୋଇ ଜଳ ପ୍ରବାହ ପ୍ରବଳ ରୂପେ ହେବାରୁ ମୋହରର ନିଜସ୍ଥାନରୁ ତଣ୍ଡୁଲ ବୋରା ଉଠାଇବାର ଆବଶ୍ୟକ ହେବାରୁ ଶୀଘ୍ର ଉଠାଇ ଅନ୍ୟଉତ୍ତମ ସ୍ଥଳରେ ରଖିଲେ ବାକିଗୁଡ଼ା ବୋରା ଗୁଡ଼ିକ ଯାହା ଗୋଦାମ ମଧ୍ୟରୁ ପୁଲିସ ପହରାରୁ ଜଳର ପ୍ରବଳ ବୃଦ୍ଧି ହେତୁ ସେ ଦିନ ବଣ୍ଟା ନ ହେବାରୁ ପର ଦିନର ରସିଦ ଦେଇ ବଣ୍ଟି କରିବା ଅଭିଳାଷରେ ନିଆଯାଇଥିଲା ତାହା ବଣ୍ଟି କରିବା ନିମନ୍ତେ ମୋହରର ଜିମାରେ ଗ୍ରାମ ମଧ୍ୟରେ ରଖିଲେ ଯେଉଁ ପୁଲିସ ପହରାରୁ ତଣ୍ଡୁଲ ରସିଦ ଦେଇ ନିଆ ଯାଇଥିଲା, ସେହି ପୋଲିସ ଅବସରରେ ଉକ୍ତ ବଣ୍ଟି ବାବତ ବାକି ଗୁଡ଼ିକରୁ ଗ୍ରେପ୍ତାର କରି ମିଥ୍ୟା ମକଦ୍ଦମ ଜନ୍ମ କରି ଥିଲା ପୁଲିସ ତଦାରଖରେ ମକଦ୍ଦମା ମିଥ୍ୟା ଥିବାର ପ୍ରକାଶ ପାଇ ଥିବାର କାଗଜାତ କେନ୍ଦ୍ରାପଡ଼ା ଅସିଷ୍ଟାଣ୍ଟ ମେଜେଷ୍ଟ୍ରରଙ୍କ ନିକଟକୁ ପଠାଯାଇଅଛି । ମହାପାତ୍ର କି ତାହାର ଅଧୀନସ୍ଥ କର୍ମଚାରୀମାନେ ତାଳଦଣ୍ଡା ଗୁଡ଼ିକ ଗୋଦାମରୁ କେନ୍ଦ୍ରାପଡ଼ା ମେଜେଷ୍ଟ୍ରଙ୍କ କଚେରୀକୁ କେଉଁ ବାଟେ ଯିବାକୁ ହେବ ଏ ପର୍ଯ୍ୟନ୍ତ ଦେଖି ନାହାନ୍ତି ଓ ଜାଣି ନାହାନ୍ତି ।

ବ୍ୟଙ୍ଗ ଛଳରେ ଲୋକେ ଲେଖନ୍ତି କଙ୍ଗାଳ ମହାପାତ୍ର ଖ୍ରୀଷ୍ଟିୟାନ ଓ ସ୍ୱୟଂ କଙ୍ଗାଳ ହୋଇ ଯେବେ କଙ୍ଗାଳଙ୍କ ଦୁଃଖ ନ ବୁଝିବେ ତେବେ କାହାର ଦୋଷ । କଙ୍ଗାଳ କହନ୍ତି ସେ ଖ୍ରୀଷ୍ଟିୟାନର ନୋହେ ମାତ୍ର କଙ୍ଗାଳଙ୍କ ଦୋଷ ।

---

ମହାମହିମ ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ
ମହାଶୟ ମାନ୍ୟବରେଷୁ ।

ମହାଶୟ,

ଅନୁଗ୍ରହ ପୂର୍ବକ ନିମ୍ନଲିଖିତ ସମ୍ବାଦ ଦ୍ୱୟ ସଂଶୋଧନାନନ୍ତର, ଭବଦୀୟ ଉତ୍କଳୋନ୍ନତ ସାଧନୀୟ ଉତ୍କଳ ଦୀପିକାରେ ପ୍ରକାଶ କରି ବାଧିତ କରିବେ ।

୧—ମହାଶୟ ବିଗତ ବୁଧବାର ଦିନ ସୂର୍ଯ୍ୟାସ୍ତର ଅବ୍ୟବହିତ ପୂର୍ବେ କର୍ମୋପଲକ୍ଷେ ଅତ୍ର ଜିଲାର ଗୋପିନାଥ ଗ୍ରାମ ଦେଇ ଗମନ କରୁଁ କରୁଁ ହଠାତ୍ ଏକ ଭୟାନକ କୋଳାହଳ ଓ ଖେଦ ସୂଚକ ଚିତ୍କାର ଧ୍ୱନି କର୍ଣ୍ଣ କୁହରେ ପ୍ରବେଶ ହେଲା । ଶବ୍ଦାନୁସାରେ ଘଟଣା ସ୍ଥଳରେ ଉପସ୍ଥିତ ହୋଇ ଦେଖିଲୁଁ ଯେ

Digitized by srujanika@gmail.com

Split by PDF Splitter



ଏ ଜିଲାର ପ୍ରଧାନ ଜମିଦାର ଶ୍ରୀଯୁକ୍ତ ବାବୁ ରାମନାରାୟଣ ଦାସଙ୍କର ଶାଢେଁକ ବତ୍ସରବୟସ୍କା ଏକ କନ୍ୟା ଅନ୍ୟୁଁଚ ଦ୍ୱିତଳ ପ୍ରାସାଦ ଉପରେ ଖେଳାକରୁ କରୁ ଧା'ଈର ଅନବଧାନତା ପ୍ରଯୁକ୍ତ ଭୂତଳେ ପଡ଼ିଯାଇଅଛି । ଦର୍ଶକଗଣ ଓ ଅନ୍ୟାନ୍ୟ ସକଳ ଲୋକେ ହାହାକାର କରି ଖେଦ ପ୍ରକାଶ କରୁଅଛନ୍ତି । କହୁ ଅଛନ୍ତି ଏହି ପତିତା ବାଳିକାର ଜୀବନାଶା ବୃଥା । ବାସ୍ତବିକ୍ ୨୦।୨୫ ହସ୍ତ ପରିମିତ ଉଚ୍ଚସ୍ଥାନରୁ ପତିତହେଲେ କି ଦୁଗ୍ଧ ପୋଷ୍ୟ ଶିଶୁର ପ୍ରାଣ ରକ୍ଷାହୁଏ ? କିନ୍ତୁ କି ଚମତ୍କାର ! କ୍ଷଣକାଳପରେ ପ୍ରକାଶ ପାଇଲା ଯେ ସେ ଅବୁବାଣ ଶିଶୁର ଅଙ୍ଗ ପ୍ରତ୍ୟଙ୍ଗ କୌଣସି ସ୍ଥାନରେ କିଛି ମାତ୍ର ଆଘାତ ହୋଇ ନାହିଁ । ଓ ନିରାପଦରେ ପ୍ରାଣ ରକ୍ଷା ହୋଇ ଅଛି । ସମ୍ପାଦକ ମହାଶୟ ଏକି ଆଶ୍ଚର୍ଯ୍ୟର ବିଷୟ ? ଅନୁସନ୍ଧାନ କରି ଦେଖିଲେ ପରମ ଶିଳ୍ପ ନିପୁଣ ପରମେଶ୍ୱର ଏହି ଶିଶୁର ମୃଦୁ ଅଙ୍ଗସ୍ଥିତ କୋମଳ ଅସ୍ଥିର ସ୍ଥିତିସ୍ଥାପକ ଗୁଣ ପ୍ରଦାନକରି ସେଭୟ ଦୂରୀ କରଣ କରି ଅଛନ୍ତି ।

୨ୟ—ଏହି ମହାତ୍ମା "ଶ୍ରୀଯୁକ୍ତ ବାବୁ ରାମନାରାୟଣ ଦାସ, ଦୁର୍ଭିକ୍ଷ ଅଧିକ ପ୍ରବଳ ହେବାକୁ ଆରମ୍ଭ ହେଲା ଦିନଠାରୁ ପ୍ରାୟ କ୍ରମାଗତ ୭।୮ମାସ କାଳ ଏହାଙ୍କର ପ୍ରତିବାସ ସ୍ୱଜନ ବନ୍ଧୁବାନ୍ଧବ ଏବଂ ଅପରାପର ଅନେକ ଲୋକଙ୍କୁ ବସ୍ତ୍ର ଧାନ୍ୟ ଦେଇ ଏ ବିପତ୍ତି ସମୟରେ ସେମାନଙ୍କର ପ୍ରାଣମାନ ସମ୍ଭ୍ରମ ରକ୍ଷା କରିଅଛନ୍ତି" ଏବଂ ଜମିଦାରୀସ୍ଥ ପ୍ରାୟ ଭ ୧୦୦ ଧାନ୍ୟ ପ୍ରଜାମାନଙ୍କ ପ୍ରାଣ ରକ୍ଷାନିମନ୍ତେ ଯୋଗାଇ ଅଛନ୍ତି । ଅବଶିଷ୍ଟ ଯେ କେତେକ ଦିନ ପର୍ଯ୍ୟନ୍ତ ଦୁର୍ଭିକ୍ଷର ଗର୍ବଚୂର୍ଣ୍ଣ ନ ହୁଏ, ସେ ପର୍ଯ୍ୟନ୍ତ ବାବୁ ମହାଶୟ ସାଧ୍ୟମତ ଯତ୍ନ କରିବାର୍ଥ କୃତ ସଂକଳ୍ପ ହୋଇଅଛନ୍ତି । ମହାଶୟ ଏରୂପ କଠିନ ସମୟରେ ଯେ ବ୍ୟକ୍ତି ଏ ପ୍ରକାର ବ୍ୟବହାର କରୁଅଛନ୍ତି ସେ କି ଜଣେ ଅସାଧାରଣ ବ୍ୟକ୍ତି ବୋଲି କଥିତ ନ ହୋଇବେ ? ଅତଏବ ଆମ୍ଭେମାନେ ତାଙ୍କର ବଦାନ୍ୟତା ଓ ଉଦାରତା ଗୁଣରେ ବଶିଭୂତ ହୋଇ ତାଙ୍କର ଶତସହସ୍ର ଧନ୍ୟବାଦ କରୁଅଛୁ ।

ତା ୭ରିଖ ମାହେ ଆଶ୍ୱିନ
ସନ ୧୨୭୪ ସାଲ

ବଶମ୍ବଦ
କସ୍ୟଚିତ୍ ବାଲେଶ୍ୱର ନିବାସିନ୍

---

## ପତ୍ର ପ୍ରେରକଙ୍କ ପ୍ରତି ସମ୍ବାଦ

ଆମ୍ଭେମାନେ ପ୍ରତି ସପ୍ତାହରେ ଅନେକ ପତ୍ର ପୁରୀ ଓ ବାଲେଶ୍ୱର ଇତ୍ୟାଦି ସ୍ଥାନରୁ ପ୍ରାପ୍ତ ହେଉଅଛୁଁ ମାତ୍ର ପତ୍ରିକାର ଆକାର ବର୍ତ୍ତମାନ କ୍ଷୁଦ୍ର ଥିବାରୁ ସେ

Digitized by srujanika@gmail.com

Split by PDF Splitter


ସମସ୍ତ ପ୍ରକାଶ କରିବାରେ ସୁତରାଂ ଅକ୍ଷମ ଅଛୁଁ । ଯାହାରଜନ୍ମ ବିଷୟରେ ଯେ କେହି ପତ୍ରଲେଖିବ ତାହାଙ୍କୁ ଜଣାଉଅଛୁଁ ଯେ ସେ ପ୍ରଣମାନ ଉପଦକ ନକଲେ ଆମ୍ଭେ-ମାନେ ପ୍ରଚାର କରିବୁଁ ନାହିଁ ।

---

ପତ୍ରିକାର ମୂଲ୍ୟପ୍ରାପ୍ତି —

ଶ୍ରୀ ଲଲ୍ଲ କହ୍ନୟାଲାଲ ରାଏ ବାଲେଶ୍ୱର ............... ଟ ୧ ଙ୍କା

---

## ଉତ୍କଳ ଦୀପିକାର ମୂଲ୍ୟ

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫ ଙ୍କା

ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ଟ ୬ ଙ୍କା

ଏ ସମ୍ବାଦ ସମ୍ପର୍କୀୟ ସମସ୍ତ ଚିଠିପତ୍ର ଓ ଟଙ୍କା ଇତ୍ୟାଦି ଶ୍ରୀ ଗୌରୀଶଙ୍କର ରାୟ ମେନେଜରଙ୍କ ନିକଟକୁ ପଠାଇବାକୁ ହେବ ।

---

ସହର କଟକ ଆଲମଚାନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନିର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧ୍ୟକ୍ଷଙ୍କ ସକାଶେ ପ୍ରଚାର କରାଗଲା ।
Digitized by srujanika@gmail.com

Split by PDF Splitter

# ଅତିରିକ୍ତ

ଉତ୍କଳ ଦୀପିକା ତା ୨୯ଶଖ ମାହେ ସିତମ୍ବର ସନ ୧୮୬୬ ମସିହା ଶନିବାର

ମାନ୍ୟବର ଶ୍ରୀ ଉତ୍କଳ ଦୀପିକା ସମ୍ପାଦକ ମହାଶୟ

ସମୀପେଷୁ ।

ମହାଶୟ,

ଦୁର୍ଭିକ୍ଷ ବିଷୟରେ ଆମ୍ଭେ ବନ୍ଧ ଯନ୍ତ୍ରରେ ଗୋଟିଏ ଗୀତ ରଚନା କରି ପଠାଇଲୁଁ ଅନୁଗ୍ରହ ପୂର୍ବକ ଆପଣଙ୍କ ପତ୍ରିକାରେ କିଞ୍ଚିତ ସ୍ଥାନ ଦାନକଲେ ଅତିଶୟ ବାଧିତ ହେବୁଁ ।

କଟକ
ତା ୨୪ଶଖ ମାହେ ସିତମ୍ବର
ସନ ୧୮୬୬ ମସିହା

ସବିନୟ ନିବେଦନ
ଲେଖକ

---

ରାଗ—କେଦାର ଗଉଡ଼ା—

ଶୁଣ ହେ ସୁଜନ କ୍ଷଣେ ଦେଇ ମନ ଏହୁ ଆଶ୍ଚର୍ଯ୍ୟ ଚରିତ ।
ନହେଲା ବରଷା ସରିଲା ଉଡ଼ିଶା ସବୁ କଥାବିପରୀତ ସେ ସତ
କହୁ ଅଛୁ ମୁଁ ଯାହା ଦୁରିତ
କେତେକେତେ ପ୍ରାଣୀ ହେଲେ ହତ ।
ଅନ୍ନାଭାବେ ସୁଖି ଗଲଅନ୍ତ ।୧।
ମାଣ୍ଡିଆ ବୁଡ଼ିଲା ହେଲା ଏକ ମୂଲ ନ କହୁ ଆଉ ଫସଲ
ବଡ଼ଲୋକ ଘୋଡ଼ା ହୋଇଲା ତମଡ଼ା ନ ପାଇ କୋଳଥ ଫଲ ସେ ଶୁଣ ।
ସାଆଁ ସଜିନା ହେଲା ଓଜନ, ଘାସ ନାହିଁ କେଲୋଡ଼େ ଢଉଣ ।
କେତେ କହିବା ତା ପୁନଃ ପୁନଃ ।୨।
ଧନକୁ ଧନ ସେ ହୋଇଲା କଠିଣ ଅରକ୍ଷ ହେଲେତ ଲୋକ
କୁଣ୍ଡ଼ ଘର ଦ୍ୱାର ଘେନିଣ ଖପର ହରାଇଲେ ଜାତି ଭେକ, ହେ ଦେଖ ।
ଦୁଃଖ କରଛୁ କେମନ୍ତ ଟେକ,
ନରହିଲା କାହାର ବିବେକ । ପ୍ରାଣେ ମାରିଲା ପ୍ରାଣୀ ଅନେକ ।୩।

Digitized by srujanika@gmail.com